

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:89✦22 July 2026 (Wednesday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୮୯✦୨୨ ଜୁଲାଇ ୨୦୨୬(ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ପେପର ଲିକ୍ କୌଣସି ରାଜନୈତିକ ପ୍ରସଙ୍ଗ ନୁହେଁ ; ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବ : ମୋଦୀ



ନୂଆଦିଲ୍ଲୀ,୨୧/୭: ନିଟ୍-ୟୁଜି ପେପର ଲିକ୍ ନେଇ ଦେଶବ୍ୟାପୀ ଉତେଜନା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଏନଡିଏ ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ଗୃହ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଏନଡିଏ ଦଳଗୁଡ଼ିକ ଏକ "ମଙ୍ଗଳ ମିଳନ" ବୈଠକ କରିଥିଲେ। ଏହି ବୈଠକ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ଏବଂ ସାଂସଦମାନଙ୍କୁ ମାର୍ଗଦର୍ଶନ କରିଥିଲେ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଛନ୍ତି, "ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହା ଏକ ବହୁତ ଫଳପ୍ରଦ ବୈଠକ ଥିଲା। ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ଏବଂ ତାଙ୍କର ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସେ ଗତ କିଛି ମାସ ମଧ୍ୟରେ ଦେଶ କରିଥିବା ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ।" କିରନ ରିଜିଜୁ ଆହୁରି କହିଛନ୍ତି, "ଆମେ ବିଭିନ୍ନ ଦେଶ ସହିତ ସ୍ୱାକ୍ଷରିତ ଏଫଟିଏ (ମୁକ୍ତ ବାଣିଜ୍ୟ ଚୁକ୍ତିନାମା) ବିଷୟରେ ଆଲୋଚନା କରିଥିଲୁ। ଏହି ଚୁକ୍ତିନାମା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଯେ କୃଷକମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ ଏବଂ କୃଷକମାନଙ୍କର କୌଣସି ପ୍ରକାରେ କ୍ଷତି ହେବ ନାହିଁ।" ସେ କହିଛନ୍ତି ଯେ ଯେକୌଣସି ଦେଶ ସହିତ ସ୍ୱାକ୍ଷରିତ ଯେକୌଣସି ଏଫଟିଏରେ କୃଷକଙ୍କ କଲ୍ୟାଣ ସର୍ବୋପରି ରହିବ ଯାହା ଦ୍ୱାରା ଏହି ଚୁକ୍ତିନାମାଗୁଡ଼ିକ ଚାଷୀ ଏବଂ ଦେଶ ଉଭୟଙ୍କ ସ୍ୱାର୍ଥରେ ରହିବ। କିରନ ରିଜିଜୁଙ୍କ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ଏନଡିଏ ବୈଠକରେ ନିଟ୍ ପେପର ଲିକ୍ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଥିଲେ। ରିଜିଜୁଙ୍କ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ପେପର ଲିକ୍ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ ଏବଂ ଦୋଷୀମାନେ କଠୋର ଦଣ୍ଡ ପାଇବେ। ପ୍ରାପ୍ତ ସୂଚନା ଅନୁଯାୟୀ ମଙ୍ଗଳ ମିଳନ ବୈଠକରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯୁବପିଢ଼ିଙ୍କ ବିଶ୍ୱାସ ଜିତିବା ପାଇଁ କାମ କରିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନବନିର୍ବାଚିତ ରାଜ୍ୟସଭା ସାଂସଦମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ନୀତିନ ନବୀନ ମଧ୍ୟ ପ୍ରଥମ ଥର ପାଇଁ ଏହି ଏନଡିଏ ବୈଠକରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଗତ ମାସରେ ଦେଶର ସଫଳତା ବିଷୟରେ କହିଥିଲେ ଏବଂ ଅନେକ ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ନିଟ୍ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ପେପର ଲିକ୍ ଖବର ପ୍ରକାଶ ପାଇବା ମାତ୍ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଏବଂ ୧୩ ଜଣଙ୍କୁ ଜେଲଦଣ୍ଡ ଦିଆଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଯେପରି ବିପଦରେ ନ ପଡ଼େ ତାହା ନିଶ୍ଚିତ କରିବା ପାଇଁ ପରୀକ୍ଷା ତୁରନ୍ତ ପୁନଃ ପରିଚାଳନା କରାଯାଇଥିଲା। ଆଉ ଏକ ପେପର ଲିକ୍ ରୋକିବା ପାଇଁ କଠୋର ପଦକ୍ଷେପ ନିଆଯାଇଛି। ପେପର ଲିକ୍ ପାଇଁ ଦାୟୀ ବ୍ୟକ୍ତିମାନେ କଠୋର ଦଣ୍ଡ ପାଇବା ପାଇଁ ସେ ସର୍ବୋତ୍ତମ ଓକିଲ ଯୋଗାଇଛନ୍ତି। ଯେଉଁଠାରେ ପେପର ଲିକ୍ ହୁଏ, ଦେଶର ସମସ୍ତେ ଦାୟୀ ଲୋକଙ୍କୁ ଦଣ୍ଡ ଦେବା ପାଇଁ ଏକଜୁଟ ହେବା ଉଚିତ।

# ଏସଆଇଆର ପାଇଁ ବିଳମ୍ବ ହୋଇପାରେ ପଚାଂୟତ ନିର୍ବାଚନ

## ସ୍ୱଚ୍ଛ ଭୋଟର ତାଲିକା ପାଇଁ ଅକ୍ଟୋବରରୁ ଡୋର୍ ଟୁ ଡୋର୍ ସର୍ଭେ



ଭୁବନେଶ୍ୱର, ୨୧/୭(ନି/ପ୍ର): ଏସଆଇଆର ପ୍ରକ୍ରିୟା ପାଇଁ ବିଳମ୍ବ ହୋଇପାରେ ପଚାଂୟତ ନିର୍ବାଚନ। ରାଜ୍ୟ ନିର୍ବାଚନ ଆୟୋଗ ସଚିବଙ୍କ ପ୍ରେସମିଟ୍। କହିଲେ ଏସଆଇଆର ପ୍ରକ୍ରିୟା ସରିବା ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଅକ୍ଟୋବର ମାସରେ ଡୋର୍ ଟୁ ଡୋର୍ ସର୍ଭେ ଆରମ୍ଭ ହେବ। ସ୍ୱଚ୍ଛ ଭୋଟର ତାଲିକା ପାଇଁ ଏହି ସର୍ଭେ କରାଯିବ। ଏଥିପାଇଁ ଜୁଲାଇ ୩୧ ସୁଦ୍ଧା ଜିଲ୍ଲାପାଳମାନେ ଟିମ୍ ଗଠନ କରିବେ। ତ୍ରିସ୍ତରୀୟ ପଚାଂୟତ ଓ ପୌର ନିର୍ବାଚନ ପ୍ରସ୍ତୁତି ନେଇ ରାଜ୍ୟ ନିର୍ବାଚନ ଆୟୋଗ ଭିଡିଓ କନ୍ଫରେନ୍ସିଂରେ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ବୈଠକ ପରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ କୁମାର ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଅକ୍ଟୋବର ୨୬ରୁ ନଭେମ୍ବର ୭ ପର୍ଯ୍ୟନ୍ତ ଭୋଟର ତାଲିକା ପ୍ରସ୍ତୁତି କରାଯିବ। ଡୋର ଟୁ ଡୋର ସର୍ଭେ ପାଇଁ ଆଜିର ବୈଠକରେ ନିଷ୍ପତି ହୋଇଛି। ସେଥିପାଇଁ ଚଳିତ ମାସ ୩୧ ତାରିଖ ସୁଦ୍ଧା ଟିମ୍ ଗଠନ କରାଯିବ। ଏହି ଟିମ୍ ରେ ବିଏଲଓ, ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀଙ୍କୁ ମଧ୍ୟ ସାମିଲ କରାଯିବ।ଫେବ୍ରୁଆରୀ ୧୦ ତାରିଖ ସୁଦ୍ଧା ସବୁ ୱାର୍ଡର ଭୋଟର ତାଲିକା ପ୍ରକାଶ ପାଇବ।ପୌର ଓ ପଚାଂୟତ ନିର୍ବାଚନ ବେଳେ ସଂରକ୍ଷଣ ବ୍ୟବସ୍ଥା ସମେତ ପ୍ରତି ବୁଥରେ କେତେ ଭୋଟର ରହିବେ କେତେ ନୂଆ ବୁଥ ହେବ ସେନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ପୌର ଏବଂ ପଚାଂୟତ ନିର୍ବାଚନ ଏକାଠି କରିବା ପାଇଁ ପ୍ରସ୍ତୁତି କରାଯାଉଛି। ସେହିଭଳି ୨୦୨୨ ସହରାଂଚଳ ସ୍ଥାନୀୟ କାଉନସିଲ ନିର୍ବାଚନ ସମ୍ବନ୍ଧୀୟ ବକେୟା ବିଲ୍ ଓ ଉପଯୋଗ ପ୍ରମାଣପତ୍ର ଦାଖଲ ଅଗ୍ରଗତି ସମୀକ୍ଷା କରାଯାଇଛି। ଏହି ବକେୟା ବିଲର ଶୀଘ୍ର ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ବୈଠକରେ ଟଖଇ ନିର୍ବାଚନ ନୋଡାଲ ଅଧିକାରୀ ଭାବେ ଉପଜିଲ୍ଲାପାଳ, ସମସ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ରଜଙ, ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ଇରଜଙ, ଡେପୁଟି ଜିଲ୍ଲାପାଳ ଏବଂ ସହକାରୀ ଜିଲ୍ଲାପାଳମାନେ ଏହି ଆଭାସୀ ବୈଠକରେ ଯୋଗ ଦେଇଥିଲେ।

# ସ୍ପେନ୍‌ର ବିଶ୍ୱ କୀର୍ତିମାନ

ନ୍ୟୁୟର୍କ,୨୧/୭: ରବିବାର ୨୦୨୬ ଫିଫା ବିଶ୍ୱକପ୍‌ର ଫାଇନାଲ ଆର୍ଜେଣ୍ଟିନାକୁ ପରାସ୍ତକରି ସ୍ପେନ୍ ୨ୟ ଥର ବିଶ୍ୱ ଚମ୍ପିଆନ୍ ହୋଇଛି। ଏହି ବିଜୟ ସହ ସ୍ପେନ୍ ଏକ ବଡ଼ ବିଶ୍ୱ କୀର୍ତିମାନ ପ୍ରତିଷ୍ଠା କରିଛି। ୟୁରୋପୀୟ ଚମ୍ପିଆନ୍ ସ୍ପେନ୍ ରେକର୍ଡ କ୍ରମାଗତ ୩୮ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅପରାଜିତ ରହିଛି। ପୂର୍ବରୁ ଏହି ବିଶ୍ୱ କୀର୍ତିମାନ ଇଟାଲୀ ନାମରେ ରହିଥିଲା। ଇଟାଲୀ କ୍ରମାଗତ ୩୭ଟି ମ୍ୟାଚ୍‌ରେ ଅପରାଜିତ ଥିଲା। ସ୍ପେନ୍‌ର ବିଜୟ ଅଭିଯାନ ୨୦୨୪ରୁ ଆରମ୍ଭ ହୋଇ ୨୦୨୬ ବିଶ୍ୱକପ୍ ଫାଇନାଲ ପର୍ଯ୍ୟନ୍ତ ଚାଲିଥିଲା। ଲା ରୋଜା ଭାବେବ ପରିଚିତ ସ୍ପେନ୍ ଦଳର ଏହି ଅପରାଜିତ ରହିବା ଧାରା ଏବେ ମଧ୍ୟ ବଳବତର ରହିଛି। ଗତ ୩ଟି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିବା ପୂର୍ବତନ ଚମ୍ପିଆନ୍ ଇଟାଲୀ ୨୦୧୮ରୁ ୨୦୨୧ ମଧ୍ୟରେ ଅପରାଜିତ ରହିଥିଲା। ୨୦୧୯ରୁ ୨୦୨୨ ମଧ୍ୟରେ ଆର୍ଜେଣ୍ଟିନା ୩୬ଟି, ୧୯୯୩ରୁ ୧୯୯୬ ମଧ୍ୟରେ ବ୍ରାଜିଲ ୩୫ଟି ଓ ୨୦୦୭ରୁ ୨୦୦୯ ମଧ୍ୟରେ ସ୍ପେନ୍ ମଧ୍ୟ ୩୫ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅପରାଜିତ ରହିଥିଲା। ସ୍ପେନ୍‌ର ୟୁରୋ କପ୍ ଓ ବିଶ୍ୱକପ୍ ବିଜୟୀ ପ୍ରଶିକ୍ଷକ ଲୁଇ ଡି ଲା ଫୁଏଣ୍ଟେ ମଧ୍ୟ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି।

## ଇଆରପିସିସି ବୈଠକ-୨୦୨୬:

# ଆନ୍ତଃରାଜ୍ୟ ଅପରାଧ, ନକ୍ସଲ ଦମନ ଓ ସମନ୍ୱିତ ସୁରକ୍ଷା ରଣନୀତିକୁ ଗୁରୁତ୍ୱ



ଭୁବନେଶ୍ୱର,୨୧/୭: ଭୁବନେଶ୍ୱରଠାରେ ପୂର୍ବାଂଚଳ ଆଂଚଳିକ ପୋଲିସ ସମନ୍ୱୟ କମିଟିର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆନ୍ତଃରାଜ୍ୟ ଅପରାଧ ଓ ନକ୍ସଲ ଦମନ ଏବଂ ସମନ୍ୱିତ ସୁରକ୍ଷା ରଣନୀତି ଉପରେ ବିସ୍ତୃତ ଆଲୋଚନା ହୋଇଛି। ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଆରକ୍ଷୀ ମହାନିର୍ଦ୍ଦେଶକ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ଉଇଚରଷ୍ଟ), କେନ୍ଦ୍ରୀୟ ପୋଲିସ ସଂଗଠନ (ଉଚଡଷ୍ଟ) ଏବଂ ବିଭିନ୍ନ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପୁଲିସର ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସ୍ୱାଗତ ଭାଷଣ ଓ ବେ ?ଠକର ଆଭିମୁଖ୍ୟ ସମ୍ପର୍କରେ ତଥ୍ୟ ରଖିଥିଲେ। ନିଜ ଅଭିଭାଷଣରେ ଡିଜିପି ଖୁରାନିଆ କହିଥିଲେ,, ବର୍ନମାନ ସମୟରେ ସଂଘଟିତ ଅପରାଧ, ସାଇବର ଅପରାଧ, ମାଦକ ଦ୍ରବ୍ୟ ଚୋରାଚାଲାଣ, ମାନବ ଚାଲାଣ ଏବଂ ବାମପନ୍ଥୀ ଉଗ୍ରବାଦ (ଖଡର) ଭଳି ସୁରକ୍ଷାଜନିତ ଆହ୍ୱାନ କୌଣସି ଗୋଟିଏ ରାଜ୍ୟର ସୀମା ମଧ୍ୟରେ ସୀମିତ ନୁହେଁ। ଏହି ଆହ୍ୱାନଗୁଡ଼ିକର ସଫଳ ମୁକାବିଲା ପାଇଁ ରାଜ୍ୟମାନଙ୍କ ମଧ୍ୟରେ ନିରନ୍ତର ଗୁଇନ୍ଦା ସୂଚନାର ଆଦାନପ୍ରଦାନ, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ପାରସ୍ପରିକ ବିଶ୍ୱାସ ଓ ମିଳିତ କାର୍ଯ୍ୟଶୈଳୀର ପ୍ରମୁଖ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଦିନିକିଆ ବୈଠକରେ ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କର ନିୟମିତ ଅନୁଧ୍ୟାନ ଓ ପୁନର୍ବାସ, ଆନ୍ତଃରାଜ୍ୟ ନିଶା କାରବାର ବିରୋଧରେ ମିଳିତ ଅଭିଯାନ, ସାଇବର ଅପରାଧର ମୁକାବିଲା ପାଇଁ ରାଜ୍ୟମାନଙ୍କ ମଧ୍ୟରେ ତ୍ୱରିତ ସୂଚନା ବିନିମୟ, ଜିରୋ ଏଫ୍ ?ଆଇଆର୍ (ତରକ୍ସକ୍ଟ ରଓଜ) ର ଶୀଘ୍ର ହସ୍ତାନ୍ତର ଓ ସମୟସୀମା ମଧ୍ୟରେ ତଦନ୍ତ, ରେଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଏବଂ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତି ସମେତ ବିଭିନ୍ନ ସମସାମୟିକ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଆନ୍ତଃରାଜ୍ୟ ଅପରାଧୀମାନଙ୍କ ବିରୋଧରେ ମିଳିତ ଅଭିଯାନ, ଗୁଇନ୍ଦା ସୂଚନାର ରିୟଲ୍-ଟାଇମ୍ ବିନିମୟ, ପ୍ରଯୁକ୍ତିଭିତିକ ପୁଲିସିଂ ଏବଂ ସୀମାବର୍ତୀ ଅଂଚଳରେ ଅଧିକ ସମନ୍ୱିତ କାର୍ଯ୍ୟପଦ୍ଧତି ଗ୍ରହଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।

# ୪ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୧/୭(ନି/ପ୍ର): ଆଗାମୀ ଚାରି ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ୨୦ ଜିଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରାୟତଃ ସବୁ ଜିଲାରେ ବର୍ଷା ହୋଇପାରେ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରପକ୍ଷରୁ କୁହାଯାଇଛି ଯେ ଆଜି ସକାଳ ୮.୩୦ ସୁଦ୍ଧା ଢେଙ୍କାନାଳରେ ସର୍ବାଧିକ ୯୩ମିମି ବର୍ଷା ହୋଇଥିଲା ବେଳେ ସୋନପୁରରେ ୩୫ମିମି, ଭଦ୍ରକରେ ୧୭ମିମି, ପାରାଦ୍ୱୀପରେ ୧୩ ମିମି, ନୟାଗଡ଼ରେ ୧୧.୨ ମିମି, ଭୁବନେଶ୍ୱରରେ ୮.୨ ମିମି, ବାରିପଦାରେ ୬.୮ ମିମି, ବଲାଙ୍ଗିରରେ ୪.୫ ମିମି ବର୍ଷା ରେକର୍ଡ କରାଯାଇଛି। ସୋମବାର ସକାଳ ୮.୩୦ରୁ ସନ୍ଧ୍ୟା ୫.୩୦ ମଧ୍ୟରେ କେନ୍ଦୁଝରରେ ୩୦.୪ମିମି, ପାରାଦ୍ୱୀପରେ ୨୫.୪ ମିମି, ଢେଙ୍କାନାଳରେ ୨୫ ମିମି, ଟିଟିଲାଗଡ଼ରେ ୧୭ ମିମି, ଛତ୍ରପୁରରେ ୧୩ ମିମି ବର୍ଷା ହୋଇଛି। ମଙ୍ଗଳବାର କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜରେ ଅଧିକ ବର୍ଷା ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋରଧା, ନୟାଗଡ଼ରେ ପବନ ସହିତ ବର୍ଷା ହୋଇପାରେ।

# କାନାଡା ଉପରେ ୫୦% ଶୁଳ୍କ ବୋମା ପକାଇଲେ ଟ୍ରମ୍ପ:

## ୯୪ ବର୍ଷ ତଳର ବାଣିଜ୍ୟ ଆଇନର ଧାରା ଲାଗୁ



ୱାସିଂଟନ,୨୧/୭: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଧିକାଂଶ କାନାଡିୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛନ୍ତି। ସେ ଏହି ନିଷ୍ପତି ପାଇଁ କାନାଡାର ସାମ୍ପ୍ରତିକ କାର୍ଯ୍ୟକୁ ଦାୟୀ କରିଛନ୍ତି। ଆମେରିକୀୟ ଯାନବାହନ, ମଦ ଏବଂ କ୍ଷୀର ଉତ୍ପାଦ ଉପରେ କନାଡା ଅନ୍ୟାୟ କରିଛି। ତେଣୁ କାନାଡାର ସାମଗ୍ରୀ ଉପରେ ଶୁଳ୍କ ଲାଗୁ କରାଯାଇଥିବା ସେ କହିଛନ୍ତି। ନୂତନ ଶୁଳ୍କ ୩୦ ଦିନ ପରେ କାର୍ଯ୍ୟକାରୀ ହେବ। ନୂତନ ଶୁଳ୍କ ମଦ, ହକି ଷ୍ଟିକ୍ ପରି ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ବାଣିଜ୍ୟିକ ସିମେଣ୍ଟ ଭଳି ଶିଳ୍ପ ସାମଗ୍ରୀ ଉପରେ ଲାଗୁ ହେବ। ନୂତନ ଶୁଳ୍କ ଶକ୍ତି ଉତ୍ପାଦ, ପଟାସ୍, ମାଛ ଏବଂ ଅତ୍ୟାବଶ୍ୟକ ଖଣିଜ ପଦାର୍ଥକୁ ଅନ୍ତର୍ଭୁକ୍ତ କରିବ ନାହିଁ। ତେବେ ଏଥିରେ ଯୁକ୍ତରାଷ୍ଟ୍ର-ମେକ୍ସିକୋ-କାନାଡା ଚୁକ୍ତି ଅନୁଯାୟୀ ପୂର୍ବରୁ ଛାଡ଼ ପାଇଥିବା ସାମଗ୍ରୀ ଅନ୍ତର୍ଭୁକ୍ତ ହେବ। ଏହା ଯୋଗୁଁ ପୁଣି ଥରେ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କରେ ଉତେଜନା ସୃଷ୍ଟିର ଆଶଙ୍କା ରହିଛି। ଟ୍ରମ୍ପ ୯୪ ବର୍ଷ ତଳର ୧୯୩୦ ମସିହାର ବାଣିଜ୍ୟ ଆଇନର ଧାରା ୩୩୮ ଅନୁଯାୟୀ ଶୁଳ୍କ ଲାଗୁ କରିବା ପାଇଁ ତିନୋଟି ଆଦେଶରେ ସ୍ୱାକ୍ଷର କରିଛନ୍ତି। ଗତ ବର୍ଷ, ଅନେକ ଡେମୋକ୍ରାଟିକ୍ ସାଂସଦ ଏହି ଧାରା ଉଚ୍ଛେଦ କରିବାକୁ ପ୍ରସ୍ତାବ ଦେଇଥିଲେ। ସେମାନେ କହିଥିଲେ ଯେ ଟ୍ରମ୍ପ ଏହାକୁ ଅର୍ଥନୀତିକୁ ଅସ୍ଥିର କରିବା ପାଇଁ ବ୍ୟବହାର କରିବାର ସମ୍ଭାବନା ରହିଛି। ଟ୍ରମ୍ପଙ୍କ ଏହି ପଦକ୍ଷେପ ଏକ ନୂତନ ପର୍ଯ୍ୟାୟ ଆର୍ଥିକ ଅସ୍ଥିରତା ସୃଷ୍ଟି କରି ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ତିକ୍ତ କରିବା ଯଥେଷ୍ଟ ଆଶଙ୍କା ରହିଛି।। ଆମେରିକା ଏବଂ କାନାଡା ପରସ୍ପରର ଘନିଷ୍ଠ ସହଯୋଗୀ ଅଛନ୍ତି, କିନ୍ତୁ ଡୋନାଲ୍ଡ ଟ୍ରମ୍ପଙ୍କ ବର୍ନମାନର କାର୍ଯ୍ୟକାଳ ସମୟରେ ସମ୍ପର୍କ ତିକ୍ତ ହୋଇଛି। ଚୀନ୍ ବ୍ୟତୀତ କାନାଡା ଏକମାତ୍ର ଦେଶ ଥିଲା ଯିଏ ଟ୍ରମ୍ପଙ୍କ ପୂର୍ବ ଶୁଳ୍କର କଡ଼ା ଜବାବ ଦେଇଥିଲା। ଆମେରିକା ପୂର୍ବରୁ କାନାଡିଆନ୍ ଷ୍ଟିଲ୍, ଆଲୁମିନିୟମ୍ ଏବଂ ତମ୍ବା ଉପରେ ୧୫ ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିଛି। ଏହା ବ୍ୟତୀତ, ସଫ୍ଟଉଡ୍ କାଠ ଉପରେ ୩୫ ପ୍ରତିଶତ ଶୁଳ୍କ ଏବଂ ଯାନରେ ବ୍ୟବହୃତ ଅଣ-ଆମେରିକୀୟ ଅଂଶ ଉପରେ ୨୫ ପ୍ରତିଶତ ଶୁଳ୍କ ଜାରି ରହିଛି। କାନାଡା ଆମେରିକୀୟ ଇସ୍ପାତ, ଆଲୁମିନିୟମ୍ ଏବଂ କିଛି ଯାନବାହନ ଉପରେ ୨୫ ପ୍ରତିଶତ ପ୍ରତିଶୋଧମୂଳକ ଶୁଳ୍କ ମଧ୍ୟ ଲାଗୁ କରିଛି। କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି କହିଛନ୍ତି, ସେ ଖୁବ୍ ଶୀଘ୍ର ଆମେରିକା ସହିତ ବାଣିଜ୍ୟ ଆଲୋଚନାକୁ ତ୍ୱରାନ୍ୱିତ କରିବେ। ସେ ଅଭିଯୋଗ କରିଛନ୍ତି, ଆମେରିକା କାନାଡା-ଆମେରିକା-ମେକ୍ସିକୋ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ଭାବନା ବିରୋଧରେ ଗୋଟିଏ ପରେ ଗୋଟିଏ ବାଣିଜ୍ୟିକ ପଦକ୍ଷେପ ନେଉଛି। କାର୍ନି ଏକ ବିବୃତିରେ କହିଛନ୍ତି, ତାଙ୍କ ସରକାର ମୁକ୍ତ ଏବଂ ନିରପେକ୍ଷ ବାଣିଜ୍ୟର ଲାଭରେ ବିଶ୍ୱାସ କରେ ଏବଂ ୨୦ ରୁ ଅଧିକ ନୂତନ ଅର୍ଥନୈତିକ ଏବଂ ସୁରକ୍ଷା ସହଭାଗୀତା ସ୍ୱାକ୍ଷର କରିଛି। ସେ କହିଛନ୍ତି, ଏହି ବାଣିଜ୍ୟ ବିବାଦ ଯୋଗୁଁ ଆମେରିକାରେ ରହୁଥିବା ଲୋକଙ୍କ ଉପରେ ଖର୍ଚ୍ଚର ବୋଝ ବଢ଼ିଛି।

# ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଡେଇଁଲେ ହୁତି :

## ଲୋହିତ ସାଗରରେ ସାଉଦି ଜାହାଜ ଅବରୋଧ



ତେହେରାନ,୨୧/୭: ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ହର୍ମୁଜ୍ ପ୍ରଣାଳୀରେ ଅବରୋଧ ସ୍ଥିତି ସୃଷ୍ଟି କରିଛି। ଫଳରେ ବିଶ୍ୱ ପୁଣି ଥରେ ତୈଳ ସଙ୍କଟ ଆଡ଼କୁ ମୁହାଁଇଛି। ଏହି ସମୟରେ, ମଧ୍ୟପ୍ରାଚ୍ୟରେ ଏପରି କିଛି ଘଟିଛି ଯାହା ଏହି ତୈଳ ସଙ୍କଟକୁ ଆହୁରି ତୀବ୍ର କରିପାରେ ବୋଲି କୁହାଯାଉଛି। ୟେମେନରେ ଇରାନ ସମର୍ଥିତ ସଶସ୍ତ୍ର ଗୋଷ୍ଠୀ ହୁତି ଯୁଦ୍ଧକୁ ଡେଇଁଛି। ହୁତିମାନେ କହିଛନ୍ତି ଯେ, ସେମାନେ ଲାଲ ସାଗର ଅବରୋଧ କରିବେ ଏବଂ ସାଉଦି ଆରବ ଜାହାଜର ଗତିବିଧିକୁ ରୋକିବେ। ଏହି ଧମକ ମଧ୍ୟପ୍ରାଚ୍ୟ ସଂଘର୍ଷରେ ଏକ ନୂତନ ମୋର୍ଚ୍ଚା ଖୋଲିବା ସହ ଅସ୍ଥିର ବିଶ୍ୱ ଶକ୍ତି ବଜାର ଉପରେ ଚାପ ବୃଦ୍ଧି କରିବାର ଆଶଙ୍କା ସୃଷ୍ଟି କରିଛି। ଇରାନ ଏବଂ ଆମେରିକା ପକ୍ଷରୁ ହର୍ମୁଜ୍ ପ୍ରଣାଳୀ ଅବରୋଧ କରାଯିବା ଯୋଗୁଁ ବିଶ୍ୱବ୍ୟାପୀ ଇନ୍ଧନ ଯୋଗାଣ ହ୍ରାସ ପାଇଛି ଏବଂ ମୂଲ୍ୟ ବୃଦ୍ଧି ପାଇଛି। ଏପରି ପରିସ୍ଥିତିରେ, ଆମେରିକାର ସହଯୋଗୀ ସାଉଦି ଆରବ ଲୋହିତ ସାଗର ଦେଇ ଏହାର କିଛି ରପ୍ତାନି ପଠାଇବାରେ ସଫଳ ହୋଇଛି। ତେବେ ହୁତିମାନେ କହିଛନ୍ତି ଯେ, ସେମାନେ ଲୋହିତ ସାଗରର ଦକ୍ଷିଣ ପ୍ରବେଶ ଅଂଚଳ ବାବ୍ ଅଲ୍-ମାଣ୍ଡେବ ପ୍ରଣାଳୀ ଦେଇ ସାଉଦି ଜାହାଜଗୁଡ଼ିକୁ ଯିବାକୁ ଦେବେ ନାହିଁ। ଯଦି ହୁତିମାନେ ଏପରି କରନ୍ତି, ତେବେ ଏହା ବିଶ୍ୱବ୍ୟାପୀ ତୈଳ ସଙ୍କଟକୁ ଆହୁରି ବଢ଼ାଇବ। ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ହୁତି ସାମରିକ ମୁଖପାତ୍ର ୟାହ୍ୟା ସାରି ଏକ ଟେଲିଭିଜନ ଭାଷଣରେ କହିଛନ୍ତି ଯେ ସାଉଦି ଆରବ ପକ୍ଷରୁ ୟେମେନ ଉପରେ କରାଯାଉଥିବା ଲଗାତାର ଅବରୋଧର ଜବାବରେ ଏହି ପଦକ୍ଷେପ ନିଆଯାଇଛି।

# ଦିଲ୍ଲୀରେ 'ସଂସଦ ଚଲୋ' ଶୋଭାଯାତ୍ରା ବେଳେ ହିଂସା:

## ଅଜ୍ଞାତ ଦୁର୍ବୃତଙ୍କ ବିରୋଧରେ ମାମଲା ରୁଜୁ

ନୂଆଦିଲ୍ଲୀ,୨୧/୭: ଦିଲ୍ଲୀର କନ୍ନଟ୍ ପ୍ଲେସସ୍ଥିତ ରିଗାଲ୍ ସିନେମା ନିକଟରେ 'ସଂସଦ ଚଲୋ' ଆନ୍ଦୋଳନ ସମୟରେ ହୋଇଥିବା ହିଂସା, ପଥରମାଡ଼ ଓ ଭଙ୍ଗାରୁଜା ଘଟଣାରେ ଦିଲ୍ଲୀ ପୁଲିସ ମଙ୍ଗଳବାର ଏକ ମାମଲା ରୁଜୁ କରିଛି। 'କୋକରୋଚ୍ ଜନତା ପାର୍ଟି' (ସିଜେପି) ଏବଂ କେତେକ କୃଷକ ସଂଗଠନ ପକ୍ଷରୁ ସୋମବାର ଆୟୋଜିତ ଏହି ଶୋଭାଯାତ୍ରା ସମୟରେ ଉତେଜନା ପ୍ରକାଶ ପାଇଥିଲା, ଯେଉଁଥିରେ ବିକ୍ଷୋଭକାରୀମାନେ ପୁଲିସ ଉପରକୁ ପଥରମାଡ଼ କରିବା ସହ ଅନେକ ପୁଲିସ ଗାଡ଼ି ଭାଙ୍ଗିରୁଜି ନଷ୍ଟ କରିଦେଇଥିଲେ। ଏହି ସଂଘର୍ଷରେ ୧୧୮ ଜଣରୁ ଅଧିକ ପୁଲିସ କର୍ମଚାରୀ ଆହତ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍, ଭିଡିଓ ରେକର୍ଡି ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ପ୍ରମାଣ ସଂଗ୍ରହ କରାଯାଇ ଯାଞ୍ଚ କରାଯାଉଛି। ହିଂସାକାଣ୍ଡ ପରେ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ସାରା ଜାତୀୟ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ନୂଆଦିଲ୍ଲୀ, ସେଣ୍ଟ୍ରାଲ, ନର୍ଥ, ସାଉଥ୍ ଏବଂ ସାଉଥ୍-ଇଷ୍ଟ ଭଳି ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ବହୁସଂଖ୍ୟକ ଦିଲ୍ଲୀ ପୁଲିସ ଓ ପାରାମିଲିଟାରୀ ବାହିନୀ ମୁତୟନ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ସରକାରୀ ସ୍ଥାନ, ଛକ ଓ ସୀମାନ୍ତରେ ବହୁସ୍ତରୀୟ ବ୍ୟାରିକେଡ୍ ଲଗାଇ ଗାଡ଼ିଗୁଡ଼ିକର କଡ଼ା ଯାଞ୍ଚ ଓ ପାଟ୍ରୋଲିଂ କରାଯାଉଛି। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସୋସିଆଲ ମିଡିଆରେ କୌଣସି ଗୁଜବ ସୃଷ୍ଟିନକରିବାକୁ ପୁଲିସ ସାଧାରଣ ନାଗରିକଙ୍କୁ ନିବେଦନ କରିଛି।

# ଆଫଗାନିସ୍ତାନରେ ଭୟଙ୍କର ବନ୍ୟା:

## ୨୦ ମୃତ, ୧୦୦ରୁ ଅଧିକ ନିଖୋଜ



କାବୁଲ,୨୧/୭: ଆଫଗାନିସ୍ତାନର ପୂର୍ବ ପ୍ରଦେଶ ନୁରିସ୍ତାନରେ ସୋମବାର ଆକସ୍ମିକ ବନ୍ୟା ଯୋଗୁଁ ଅନ୍ତତଃ ୨୦ ଜଣଙ୍କର ମୃତ୍ୟୁ ଘଟିଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୮୦ରୁ ଅଧିକ ଲୋକ ଆହାତ ହୋଇଥିବା ବେଳେ ୧୦୦ରୁ ଅଧିକ ଲୋକ ନିଖୋଜ ଥିବା ସୂଚନାରୁ ଜଣାପଡ଼ିଛି। ଅଫଗାନିସ୍ତାନ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ପ୍ରବକ୍ତା ୟୁସୁଫ୍ ହାମ୍ମାଦଙ୍କ ଅନୁଯାୟୀ, ନୁରିସ୍ତାନ ପ୍ରଦେଶର ପାରୁନ୍ ସହର ଏବଂ ଅନ୍ୟାନ୍ୟ ଆଖପାଖ ଅଂଚଳରେ ଏହି ବନ୍ୟା ବ୍ୟାପକ କ୍ଷତି ପହଚାଂଇଛି। ପ୍ରବଳ ବନ୍ୟା ଜଳରେ ଅନେକ ବାସଗୃହ, ଚାଷଜମି ଓ ସରକାରୀ ସମ୍ପତି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ନିଖୋଜ ଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସର୍ଚ୍ଚ ଓ ରେସକ୍ୟୁ ଅପରେସନ୍ ଜାରି ରହିଛି। ପ୍ରଶାସନ ପକ୍ଷରୁ ସାଧାରଣ ନାଗରିକଙ୍କୁ ବନ୍ୟା ପ୍ରବଣ ଅଂଚଳ ଏବଂ ନଦୀକୂଳଠାରୁ ଦୂରେଇ ରହିବାକୁ ଜରୁରୀ ସୂଚନା ଦିଆଯାଇଛି। ଗଛ କଟାଯିବା, ଜଳବାୟୁ ପରିବର୍ତନ, ଦୁର୍ବଳ ଭିତିଭୂମି ଓ କଚାଂ ମାଟିଘର ଯୋଗୁଁ ଆଫଗାନିସ୍ତାନରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ଅଧିକ ଭୟଙ୍କର ହେଉଛି। ସରକାରୀ ପ୍ରବକ୍ତା ଜବିହୁଲ୍ଲା ମୁଜାହିଦ୍ ଏହିଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଆହାତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦେଶର ୩୪ଟି ପ୍ରଦେଶ ମଧ୍ୟରୁ ୧୦ଟି ପ୍ରଦେଶରେ ପ୍ରବଳ ବର୍ଷା, ଝଡ଼ତୋଫାନ ଏବଂ ଆକସ୍ମିକ ବନ୍ୟାର ପୂର୍ବାନୁମାନ କରି ପରିବହନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସତର୍କ ସୂଚନା ଜାରି କରିଛି।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ବୁଧବାର ୨୨ ଜୁଲାଇ ୨୦୨୬

## ମାନବୀୟ ମାନସିକତାର ଅଧୋପତନ

ସମୟର ଗତିଶୀଳତା ସହିତ ମାନବ ସଭ୍ୟତା ଏବଂ ତାର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି, ମାତ୍ର କିଛି ପରିବର୍ତ୍ତନ ଏଭଳି ହୋଇଥାଏ ଯାହା ସମାଜକୁ ପ୍ରଗତି ଆଡକୁ ନେବା ପରିବର୍ତ୍ତେ ଏକ ମାନସିକ ବିକୃତି ଆଡକୁ ଠେଲିଦିଏ । ଏକଦା ଏହି ମାଟିରେ ଦାରିଦ୍ର୍ୟର କଠୋର ରୂପ ମଣିଷକୁ ଶାରୀରିକ ଓ ମାନସିକ ସ୍ତରରେ ଯନ୍ତ୍ରଣା ଦେଉଥିଲା, ଯେଉଁଠାରେ ଜଣେ ନିରୀହ ଗରିବ ଲୋକଟିଏ ନିଜର ଶରୀରକୁ ଘୋଡାଇବା ପାଇଁ ଏବଂ ସମାଜରେ ନିଜର ସମ୍ମାନ ରକ୍ଷା କରିବା ପାଇଁ ଚିରା ଲୁଗାକୁ ତାଳି ପକାଇ ପିନ୍ଧିବାକୁ ବାଧ୍ୟ ହେଉଥିଲା । ସେହି ସମୟରେ ବସ୍ତ୍ର ଛିଣ୍ଡିଯିବା ଥିଲା ଦୁର୍ଭାଗ୍ୟ ଏବଂ ଅସହାୟତାର ସର୍ବୋଚ୍ଚ ସୀମା, ଯାହା ମଣିଷ ଆଖିରେ ଲୁହ ଆଣିଦେଉଥିଲା । କିନ୍ତୁ ଆଜି ସମୟ ଏଭଳି ଏକ ଅଦ୍ଭୁତ ମୋଡରେ ପହଂଚିଛି ଯେଉଁଠାରେ ସମାଜର ଉଚ୍ଚ ଶ୍ରେଣୀର, ଉଡାଜାହାଜରେ ଯାତ୍ରା କରୁଥିବା ଧନାଢ୍ୟ ପରିବାରର ଉତରାଧିକାରୀମାନେ ନିଜ ଶରୀରର ବିଭିନ୍ନ ଅଙ୍ଗକୁ ଉଲଗ୍ନ କରି ଦେଖାଇବା ପାଇଁ ହଜାର ହଜାର ଟଙ୍କା ବ୍ୟୟ କରି କୃତ୍ରିମ ଭାବେ ଫାଟିଯାଇଥିବା କପଡା ବା ଜିନ୍ସ ପିନ୍ଧି ବୁଲିବାକୁ ନିଜର ଗୌରବ ମନେ କରୁଛନ୍ତି । ଏହି ପରିପ୍ରେକ୍ଷୀଟି କେବଳ ପୋଷାକ ପରିଚ୍ଛଦର ଏକ ସାଧାରଣ ବଦଳ ନୁହେଁ, ବରଂ ଏହା ମାନବୀୟ ମାନସିକତାର ଏକ ବିରାଟ ଦୋମୁହାଁ ନୀତି, ଯାହା ଉପରେ ଆଜି ସମଗ୍ର ସମାଜକୁ ଗଭୀର ଭାବରେ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି । ଆମେ ଯଦି ଏହି ବର୍ତ୍ତମାନର ସ୍ଥିତିକୁ ଆଧ୍ୟାତ୍ମିକ ଏବଂ ପୌରାଣିକ ଦୃଷ୍ଟିକୋଣରୁ ଅନୁଧ୍ୟାନ କରିବା, ତେବେ ଜାଣିପାରିବା ଯେ ବସ୍ତ୍ର ହେଉଛି ଆମ ସଂସ୍କୃତିର ଶାଳୀନତା, ସଂସ୍କାର ଏବଂ ଆତ୍ମସମ୍ମାନର ପ୍ରତୀକ । ଭାରତୀୟ ଦର୍ଶନରେ ଶରୀରକୁ ଏକ ପବିତ୍ର ମନ୍ଦିର ବୋଲି କୁହାଯାଇଛି ଏବଂ ବସ୍ତ୍ର ହେଉଛି ସେହି ମନ୍ଦିରର ସୁରକ୍ଷା କବଚ । ଯେତେବେଳେ ଜଣେ ବ୍ୟକ୍ତି ନିଜ ଇଚ୍ଛାରେ ଛିଣ୍ଡା ଓ ବିଖଣ୍ଡିତ ପୋଷାକକୁ ଆପଣାଇ ନିଏ, ସେତେବେଳେ ସେ ଅଜାଣତରେ ନିଜ ଭିତରେ ଥିବା ସେହି ସଂସ୍କାରକୁ ମଧ୍ୟ ଖଣ୍ଡବିଖଣ୍ଡିତ କରିଦିଏ । ଏହି କୃତ୍ରିମ ଦାରିଦ୍ର୍ୟର ପ୍ରଦର୍ଶନ ପ୍ରକୃତରେ ସେହି ଗରିବମାନଙ୍କ ପ୍ରତି ଏକ ଅପମାନ, ଯେଉଁମାନେ ଆଜି ମଧ୍ୟ ଗୋଟିଏ ଭଲ କପଡା ପାଇଁ ଦିନରାତି ସଂଘର୍ଷ କରୁଛନ୍ତି । ଧନୀ ଘରର ଯୁବପିଢି ପାଶ୍ଚାତ୍ୟ ଅନ୍ଧାନୁକରଣରେ ଏଭଳି ଅନ୍ଧ ହୋଇଯାଇଛନ୍ତି ଯେ ସେମାନେ ନିଜର ସୁନ୍ଦରତାକୁ ବିକୃତି ମଧ୍ୟରେ ଖୋଜୁଛନ୍ତି । ଏହା ଗ୍ରାହକବାଦୀ ଏବଂ ପୁଞ୍ଜିବାଦୀ ବ୍ୟବସ୍ଥାର ଏକ ବଡ ଚାଲାକି, ଯେଉଁଠାରେ ଗୋଟିଏ ନଷ୍ଟ ହୋଇଯାଇଥିବା କିମ୍ବା ଛିଣ୍ଡିଯାଇଥିବା ଜିନିଷକୁ ଅଧିକ ମୂଲ୍ୟରେ ବିକ୍ରୟ କରାଯାଇ ସମାଜରେ ଉଚ୍ଚ ମାନ୍ୟତାର ଭ୍ରମ ସୃଷ୍ଟି କରାଯାଉଛି ଏବଂ ଆମର ଭବିଷ୍ୟତ ପିଢି ସେହି ମାୟାଜାଲରେ ସମ୍ପୂର୍ଣ୍ଣ ରୂପେ ଫସିଯାଉଛନ୍ତି । ଭବିଷ୍ୟତରେ ପରିପ୍ରେକ୍ଷୀରେ ଏହି ଜୀବନଶୈଳୀ ଆମ ସମାଜକୁ ଏକ ବିପଦଜନକ ଦିଗକୁ ନେଇଯାଉଛି, ଯେଉଁଠାରେ ବାହ୍ୟ ଚାକଚକ୍ୟ ଭିତରେ ମଣିଷର ଆତ୍ମା ସମ୍ପୂର୍ଣ୍ଣ ରୂପେ ଶୂନ୍ୟ ହୋଇଯିବ । ଆଜି ଯେଉଁ ସମାଜ ଫାଟିଯାଇଥିବା କପଡାକୁ ସମ୍ଭ୍ରାନ୍ତ ବୋଲି ଗ୍ରହଣ କରୁଛି, କାଲି ସେହି ସମାଜ ଭାଙ୍ଗିଯାଇଥିବା ସମ୍ପର୍କ, ବିଖଣ୍ଡିତ ପରିବାର ଏବଂ ପରିତ୍ୟକ୍ତ ନୈତିକ ମୂଲ୍ୟବୋଧକୁ ମଧ୍ୟ ସ୍ୱାଭାବିକ ବୋଲି ମାନିନେବ । ଏହି ଜୀବନଶୈଳୀ ମଣିଷକୁ ସଂଯମତା ଓ ଶାଳୀନତାଠାରୁ ଦୂରେଇ ନେଇ ଏକ ଉଦ୍ଦାମ, ବେପରୁଆ ଏବଂ ପ୍ରଦର୍ଶନପ୍ରିୟ ମାନସିକତା ପ୍ରଦାନ କରୁଛି । ଯେଉଁଠାରେ ଅତୀତରେ କପଡା ମଣିଷକୁ ନମ୍ରତା ଶିଖାଉଥିଲା, ବର୍ତ୍ତମାନର ଏହି ଆଧୁନିକ ପୋଷାକ ଅହଂକାର ଏବଂ ଉଦ୍ଧତାର ପ୍ରତୀକ ପାଲଟିଛି । ଆମକୁ ଏହି ସମୟରେ ଅଟକି ଯାଇ ଚିନ୍ତା କରିବାକୁ ହେବ ଯେ ଆମେ ଆମର ଆଗାମୀ ପିଢିକୁ କେଉଁ ସଂସ୍କୃତି ହସ୍ତାନ୍ତର କରୁଛୁ । ଜଣେ ଦୂରଦୃଷ୍ଟିସମ୍ପନ୍ନ ସମ୍ପାଦକ ଭାବରେ ଆଜି ମୁଁ ସମଗ୍ର ଓଡିଆ ଜାତି ତଥା ମାନବ ସମାଜକୁ ଏହି ଆହ୍ୱାନ ଦେବାକୁ ଚାହେଁ ଯେ ଆମକୁ ଏହି ମାନସିକ ଗୋଲାମୀରୁ ମୁକ୍ତ ହେବାକୁ ପଡିବ । ପ୍ରକୃତ ପ୍ରଗତି ବା ସଭ୍ୟତା ବାହ୍ୟ ପୋଷାକର ବିକୃତିରେ ନଥାଏ ବରଂ ତାହା ବିଚାରର ପବିତ୍ରତା, ବ୍ୟବହାରର ମାର୍ଜିତ ରୂପ ଏବଂ ଚରିତ୍ରର ଦୃଢତା ଉପରେ ନିର୍ଭର କରେ । ଆମକୁ ନିଜର ସେହି ମୌଳିକ ସଂସ୍କାରକୁ ଫେରି ପାଇବାକୁ ହେବ ଯେଉଁଠାରେ ସାଧାରଣ ଜୀବନଯାପନ ଏବଂ ଉଚ୍ଚ ଚିନ୍ତାଧାରା ହିଁ ସବୁଠାରୁ ବଡ ପରିଚୟ ଥିଲା । ଆସନ୍ତୁ, ଏହି ଆଧୁନିକତାର ଅନ୍ଧାରୀ ରାସ୍ତାରୁ ବାହାରି ନିଜର ଆତ୍ମସମୀକ୍ଷା କରିବା ଏବଂ ଏକ ସମାଜ ଗଠନ କରିବା ଯେଉଁଠାରେ ବସ୍ତ୍ର ମଣିଷର ଅଙ୍ଗକୁ ଆବୃତ କରିବା ସହିତ ତାର ସଂସ୍କାର ଓ ସ୍ୱାଭିମାନକୁ ମଧ୍ୟ ସୁରକ୍ଷିତ ରଖିପାରିବ । ଏକଦା ଏହି ପବିତ୍ର ଭାରତ ଭୂମି ତଥା ଓଡିଶାର ପୁରପଲ୍ଲୀରେ ଦାରିଦ୍ର୍ୟର ରୂପ ଥିଲା ଅତି ଭୟାନକ ଏବଂ ସେହି ସମୟରେ ଜଣେ ଅଭାବୀ ମଣିଷ ପାଇଁ ତାର ବସ୍ତ୍ର ଛିଣ୍ଡିଯିବା ଥିଲା ସବୁଠାରୁ ବଡ ଦୁର୍ଭାଗ୍ୟର ବିଷୟ । ସେହି ଦିନଗୁଡିକର ଗରିବ ଲୋକଟିଏ ନିଜର ଲଜ୍ଜା ନିବାରଣ ପାଇଁ, ନିଜର ଶରୀରକୁ ଆବୃତ କରି ସମାଜରେ ମୁଣ୍ଡ ଟେକି ଚାଲିବା ପାଇଁ ସେହି ଶତଛିଦ୍ର ବସ୍ତ୍ରକୁ ହିଁ ବାରମ୍ବାର ସିଲେଇ କରି, ତାଳି ପକାଇ ପିନ୍ଧିବାକୁ ବାଧ୍ୟ ହେଉଥିଲା । ସେହି ସମୟର ସାମାଜିକ ବ୍ୟବସ୍ଥାରେ ଚିରା ଲୁଗା ପିନ୍ଧିବା କୌଣସି ଆନନ୍ଦନର ବିଷୟ ନଥାଇ ବରଂ ତାହା ଥିଲା ବାଧ୍ୟବାଧକତା, ଅସହାୟତା ଏବଂ ଦୁଃଖର ଏକ ଜୀବନ୍ତ ଦଲିଲ୍, ଯାହାକୁ ଦେଖିଲେ ମନରେ କରୁଣା ଜାତ ହେଉଥିଲା । କିନ୍ତୁ କାଳର କ୍ରୂର ପରିହାସ ଏବଂ ସମୟର ଚକ୍ରାବର୍ତ୍ତନରେ ଆଜିର ସମାଜ ଏକ ଅଦ୍ଭୁତ ତଥା ବିଚିତ୍ର ମୋଡରେ ଆସି ପହଂଚିଛି, ଯେଉଁଠାରେ ବଡ ବଡ ଅଟ୍ଟାଳିକାରେ ରହୁଥିବା, ଆକାଶରେ ଉଡାଜାହାଜରେ ସଫର କରୁଥିବା ଏବଂ କୋଟି କୋଟି ଟଙ୍କାର ସମ୍ପତିର ଉତରାଧିକାରୀ ସାଜିଥିବା ଧନାଢ୍ୟ ଘରର ଯୁବପିଢି ନିଜ ଇଚ୍ଛାରେ ବିଭିନ୍ନ ସ୍ଥାନରୁ ଫାଟିଯାଇଥିବା କପଡା ପିନ୍ଧି ବୁଲୁଛନ୍ତି । ଯେଉଁ ଚିରା ବସ୍ତ୍ର ଦିନେ ଦାରିଦ୍ର୍ୟ ଏବଂ ଅସହାୟତାର ପ୍ରତୀକ ଥିଲା, ଆଜି ତାହା ଆଧୁନିକ ଜୀବନଶୈଳୀର ସବୁଠାରୁ ବଡ ପ୍ରତୀକ ବା ଫ୍ୟାଶନ ପାଲଟିଯାଇଛି, ଯାହା ମାନବୀୟ ମାନସିକତାର ଏକ ବଡ ଦୋମୁହାଁ ନୀତିକୁ ପ୍ରଦର୍ଶିତ କରୁଛି । ଏହି ବୈଷୟିକ ପରିବର୍ତ୍ତନ ପଛରେ ଥିବା ଆଧ୍ୟାତ୍ମିକ ଏବଂ ସାମାଜିକ କାରଣଗୁଡିକୁ ଯଦି ଆମେ ଦେଖିବା, ତେବେ ଜଣାପଡିବ ଯେ ମଣିଷ ଯେତେବେଳେ ପ୍ରକୃତି ଏବଂ ମୌଳିକ ସତ୍ୟଠାରୁ ଦୂରେଇ ଯାଏ, ସେତେବେଳେ ସେ କୃତ୍ରିମତା ମଧ୍ୟରେ ନିଜର ଅସ୍ତିତ୍ୱ ଖୋଜିବାକୁ ଚେଷ୍ଟା କରେ । ଅତୀତରେ କପଡା କେବଳ ଶରୀରକୁ ଘୋଡାଇବା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ସେଥିରେ ସଂସ୍କୃତି ତଥା ସଂସ୍କାରର ଝଲକ ରହୁଥିଲା । ମାତ୍ର ବର୍ତ୍ତମାନର ଗ୍ରାହକବାଦୀ ସଂସ୍କୃତି ସମାଜକୁ ଏଭଳି ଏକ ସ୍ତରକୁ ନେଇଯାଇଛି ଯେଉଁଠାରେ ଅଭାବର

## ସଂସ୍କୃତିର ସ୍ୱାଦ

ସୁଦୂର ଆମେରିକା ବା ନିଉଜିଲାଣ୍ଡରୁ ଆପ୍‌ଲ ଆମଦାନି ହୋଇ ଭାରତୀୟମାନଙ୍କ ଖାଦ୍ୟ ଥାଳିରେ ପହଂଚି ଯାଉଥିବା ବେଳେ କିମ୍ବା କାଲିଫର୍ନିଆର ବାଦାମ ସ୍ୱାସ୍ଥ୍ୟ ସଚେତନ ଭାରତୀୟମାନଙ୍କର ଦୈନିକ ଆହାରରେ ପରିଣତ ହେଉଥିବା ବେଳେ ଭାରତୀୟ ଅମୃତସମ ଆମ୍ବ ମଧ୍ୟ କାହିଁକି ବିଦେଶୀ ଖାଉଟିଙ୍କ ଖାଇବା ଟେବୁଲରେ ଆସ୍ଥାନ ନ ଜମାଇବ, ତାହାର କୌଣସି ପ୍ରାକୃତିକ କାରଣ ନାହିଁ । ସରକାର ଓ ନୀତି ନିର୍ଦ୍ଧାରକମାନେ ଏ ଦିଗରେ ଥିବା ସମସ୍ତ କୃତ୍ରିମ ପ୍ରତିବନ୍ଧକମାନଙ୍କୁ ଦୂର କରି ଭାରତୀୟ ସଂସ୍କୃତିର ଅନବଦ୍ୟ ସ୍ୱାଦର ବାହକ ଆମ୍ବର ସମ୍ମାନରକ୍ଷା କରିବା ହେଉଛି ସେମାନଙ୍କର ଜାତୀୟତାବାଦୀ ଦାୟିତ୍ୱ । ଏକ ସଂସ୍କୃତିର ବିଭିନ୍ନ ପରିଚୟମାନଙ୍କ ମଧ୍ୟରୁ ଏକ ମୁଖ୍ୟ ପରିଚୟ ହେଉଛି ଖାଦ୍ୟ । ସେଇ ଦୃଷ୍ଟିରୁ ଦେଖିଲେ ଯେଉଁ ଏକ ଫଳକୁ ଭାରତର ଅନ୍ୟତମ ସାଂସ୍କୃତିକ ପରିଚୟ ରୂପେ ବିଚାର କରାଯାଇ ପାରିବ, ତାହା ହେଉଛି- ଆମ୍ବ । ଏଇ ଋତୁକାଳୀନ ସୁମିଷ୍ଟ, ସ୍ୱାଦିଷ୍ଟ ଫଳ ଭାରତୀୟ ଦେବଦେବୀମାନଙ୍କରୁ ସାଧାରଣ ଲୋକମାନଙ୍କ ପର୍ଯ୍ୟନ୍ତ ମଧ୍ୟରେ ଯେଉଁଭଳି ଆଦରଲାଭ କରିଥାଏ, ଖୁବ୍ କମ୍ ଅନ୍ୟ କୌଣସି ଖାଦ୍ୟ ତା’ ସହିତ ତୁଳନୀୟ ହୋଇଥାନ୍ତି । ଦେବଦେବୀମାନଙ୍କ ପାଇଁ ରସାଳ ନାମରେ ପରିଚିତ ଏଇ ଫଳ କିପରି ଏକ ଈପ୍‌ସିତ ଆହାରର ମର୍ଯ୍ୟାଦା ଲାଭ କରିଥାଏ, ତାହାର ଏକ ରୋଚକ ପ୍ରମାଣ ବହନ କରିଥାଏ ଏଇ ସୁପରିଚିତ କାହାଣୀଟି । ଶିବ ଓ ପାର୍ବତୀ ଦିନେ ସେମାନଙ୍କର ଦୁଇ ପୁତ୍ର କାର୍ତ୍ତିକେୟ ଓ ଗଣେଶଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଆୟୋଜନ କରି, ସେଥିରେ ବିଜେତାଙ୍କୁ ଯେଉଁ ପୁରସ୍କାର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ତାହା ଥିଲା ଏକ ଦିବ୍ୟ ଆମ୍ବ । ପ୍ରତିଯୋଗିତା ଥିଲା ସମଗ୍ର ବ୍ରହ୍ମାଣ୍ଡର ପରିକ୍ରମା- ଦୁଇ ଭାଇଙ୍କ ମଧ୍ୟରୁ ଯିଏ ବ୍ରହ୍ମାଣ୍ଡ ଚତୁର୍ଦ୍ଦିଗରେ ଘୂରି ଆସିବାରେ ପ୍ରଥମ ହେବ, ସେ ହିଁ ଆମ୍ବଟିକୁ ପୁରସ୍କାର ସ୍ୱରୂପ ପାଇବ ବୋଲି ଘୋଷଣା କରାଯାଇଥିଲା । କାର୍ତ୍ତିକେୟ ତାଙ୍କର ବାହନ ମୟୂର ପିଠିରେ ବସିପଡ଼ିଲେ ଓ ସେଇ ଶକ୍ତିଶାଳୀ ପକ୍ଷୀଟି ତୀର ବେଗରେ ଉଡ଼ି ବ୍ରହ୍ମାଣ୍ଡକୁ ପରିକ୍ରମା କରିବା ଆରମ୍ଭ କରିଦେଲା । କିନ୍ତୁ ପ୍ରଖର ବୁଦ୍ଧିମାନ କିନ୍ତୁ ପୃଥୁଳକାୟ ଗଣେଶ ଧୀରମନ୍ଥର ଗତିରେ ନିମିଷକ ମଧ୍ୟରେ ତାଙ୍କର ପିତାମାତାଙ୍କ ଚତୁର୍ଦ୍ଦିଗରେ ଘୂରି ଆସି ପ୍ରତିଯୋଗିତାରେ ବିଜୟ ଲାଭ କରିଥିଲେ । କାରଣ ଗଣେଶଙ୍କ ବିଚାରରେ ତାଙ୍କର ପିତାମାତା ହେଉଛନ୍ତି ବ୍ରହ୍ମାଣ୍ଡର ସ୍ୱରୂପ । ପୁରସ୍କାର ସ୍ୱରୂପ ସେଇ ଦିବ୍ୟ ଆମ୍ବଟି ମିଳିଥିଲା ଗଣେଶଙ୍କୁ । ଏଇ ପେ ?ରାଣିକ କାହାଣୀଟି ଗଣେଶଙ୍କ ବୁଦ୍ଧିମତ୍ତାକୁ ପ୍ରମାଣିତ କରୁଥିବା ବେଳେ ଆମ୍ବର ଦେବଯୋଗ୍ୟତାକୁ ପ୍ରତିପାଦିତ କରିଥାଏ । ଅପରପକ୍ଷେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆବାଳ ବୃଦ୍ଧବନିତା ସାଧାରଣ ଭାରତୀୟମାନଙ୍କ ମଧ୍ୟରେ ଆମ୍ବର ଲୋକପ୍ରିୟତାକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ହିନ୍ଦୀରେ ‘ଆମ୍ବ’ ଓ ‘ସାଧାରଣ’ ଏକାର୍ଥବୋଧକ ଶବ୍ଦ ରୂପେ ବ୍ୟବହୃତ ହୋଇଥାନ୍ତି: ‘ଆମ୍’ । କେତେ ବର୍ଷ ତଳେ ଏହି ସାଦୃଶ୍ୟକୁ ଏକ ପରିହାସର ବିଷୟବସ୍ତୁରେ ପରିଣତ କରି ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା କିପରି ଏକ ବ୍ୟାପକ ପ୍ରତିକୂଳ ପ୍ରତିକ୍ରିୟାର ଝଡ଼ ସୃଷ୍ଟି କରିଥିଲେ, ତାହା ଏବେ ବି ଅନେକଙ୍କ ସ୍ମୃତିରେ ତାଜା ଥିବ । ଆମ୍ବର ଇଂରେଜୀ ନାମ ‘ମ୍ୟାଙ୍ଗୋ’କୁ ବ୍ୟବହାର କରି ଭାରତର ସାଧାରଣ ଲୋକମାନଙ୍କୁ ଭଦ୍ରା ବିଦ୍ରୂପ କରି ‘ମ୍ୟାଙ୍ଗୋ ପିପୁଲ୍’ ରୂପେ ଅଭିହିତ କରି ଏକ ବିବାଦ ସୃଷ୍ଟି କରିଥିଲେ । ହିନ୍ଦୀରେ ସାଧାରଣ ଲୋକଙ୍କୁ କୁହାଯାଇଥାଏ- ‘ଆମ୍ ଆଦ୍‌ମୀ’, ଭଦ୍ରା ଯାହାର ବ୍ୟଙ୍ଗାତ୍ମକ ଆକ୍ଷରିକ ଅନୁବାଦ କରିଥିଲେ- ‘ମ୍ୟାଙ୍ଗୋ ପିପୁଲ୍’ ! ରବର୍ଟ ଭଦ୍ରାଙ୍କ ଏଇ ପରିହାସ ୯ ?ସତେବେଳେ ଦୁଇଟି କାରଣରୁ ଏଭଳି ପ୍ରତିକ୍ରିୟା ସୃଷ୍ଟି କରିଥିଲା । ଗୋଟିଏ ହେଲା- ସେ ଏହାଦ୍ୱାରା ଭାରତର ସାଧାରଣ ଲୋକ ବା ‘ଆମ୍ ଆଦ୍ ?ମୀ’ମାନଙ୍କ ପ୍ରତି ହେୟଜ୍ଞାନ ପ୍ରଦର୍ଶନ କରିଥିଲେ । ଅନ୍ୟଟି ହେଲା- ସେ ଭାରତର ସର୍ବଶ୍ରେଷ୍ଠ ଫଳ ଆମ୍ବ ପ୍ରତି ଏହାଦ୍ୱାରା ଅସମ୍ମାନ ପ୍ରଦର୍ଶନ କରିଥିଲେ । ସେତେବେଳେ ଆମ୍ବ ପ୍ରତି ରବର୍ଟ ଭଦ୍ରାଙ୍କର ପରିହାସ ଯଦି ଏପରି ଏକ ଆଲୋଡ଼ନ ସୃଷ୍ଟି କରିଥିଲା, ବର୍ତ୍ତମାନ ବିଦେଶରେ ଗୋଟିକ ପରେ ଗୋଟିଏ ଦେଶରେ ଭାରତୀୟ ଆମ୍ବ ସମ୍ମୁଖୀନ ହେଉଥିବା ପ୍ରତ୍ୟାଖ୍ୟାନ ଭାରତୀୟମାନଙ୍କୁ ବହୁ ଅଧିକ ବ୍ୟଥିତ କରିବା ଉଚିତ । ପ୍ରଥମେ ଜାପାନ ଭାରତରୁ ଆମ୍ବ ଆମଦାନି ଉପରେ ନିଷେଧାଦେଶ ଜାରି କରିବା ପରେ ପରେ ପଡ଼ୋଶୀ ଦେଶ ନେପାଳ ମଧ୍ୟ ଭାରତରୁ ଆମ୍ବ ଆମଦାନି ଉପରେ ନିଷେଧାଦେଶ ଲାଗୁ କରିବା ଘୋଷଣା କରିଛି । ଉନ୍ନତ ଦେଶ ଜାପାନ ଓ ଦରିଦ୍ର ଦେଶ ନେପାଳ ଭାରତୀୟ ଆମ୍ବ ପ୍ରତି ପ୍ରଦର୍ଶନ କରିଥିବା ଏଭଳି ବିରୋଧ ପଛରେ ସମାନ କାରଣ ନିହିତ ଅଛି- ଭାରତୀୟ ଆମ୍ବରେ ଆବିଷ୍କୃତ ହେଉଥିବା ମାତ୍ରାଧିକ ପରିମାଣରେ କୀଟନାଶକର ଉପସ୍ଥିତି ଓ ଆମ୍ବର ପାଚିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟବହୃତ ରାସାୟନିକ ପଦାର୍ଥମାନଙ୍କର ଉପସ୍ଥିତି । ଏଥିପୂର୍ବରୁ ଏଇ କାରଣରୁ ଆମେରିକା ମଧ୍ୟ ଭାରତୀୟ ଆମ୍ବର ଆମଦାନି ପ୍ରତି କଟକଣା ଲାଗୁ କରିଥିବା ବେଳେ ବର୍ତ୍ତମାନ ତାହାକୁ କେତେକାଂଶରେ କୋହଳ କରିଛି । ଏଥିରୁ ପ୍ରମାଣିତ ହୋଇଥାଏ ଯେ ଆନ୍ତର୍ଜାତିକ ବାଣିଜ୍ୟ କାହାରି ପ୍ରତି ଦୟା ପ୍ରଦର୍ଶନ କରି ନ ଥାଏ- ଉଭୟ ବିକଶିତ ଦେଶ ଓ ବିକାଶଶୀଳ ଦେଶମାନଙ୍କର ଖାଉଟିମାନେ ଆବେଗ ଦ୍ୱାରା ପରିଚାଳିତ ନ ହୋଇ କିମ୍ବା କୌଣସି ପଦାର୍ଥର ସାଂସ୍କୃତିକ ଐତିହ୍ୟ ଦ୍ୱାରା ପ୍ରଭାବିତ ନ ହୋଇ ଆମଦାନି ଦ୍ରବ୍ୟର କଠୋର ମାନ ପରୀକ୍ଷାର ଫଳାଫଳ ଭିତିରେ ନିଷ୍ପତି ନେଇଥାନ୍ତି । ଭାରତୀୟ ଆମ୍ବ ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ଐତିହ୍ୟର ପ୍ରତିନିଧିତ୍ୱ କରୁଥାଇପାରେ, କିନ୍ତୁ ଆମଦାନିକାରୀମାନେ ଏହାଦ୍ୱାରା ପ୍ରଭାବିତ ନ ହୋଇ କେତେକ ସରଳ ପ୍ରଶ୍ନ ପଚାରିଥାନ୍ତି: ଏହା ନିରାପଦ କି ? ଏହାର ଗୁଣାତ୍ମକ ମାନରେ ସ୍ଥିରତା ଥାଏ କି ? ଏହାର ସମଗ୍ର ଯୋଗାଣ ଶୃଙ୍ଖଳକୁ ଚିହ୍ନଟ କରାଯାଇ ପାରିବ କି ? ଏହା ନିର୍ଦ୍ଧାରିତ ‘ଫାଇଟୋସାନିଟାରି’ ମାନଦଣ୍ଡ ଅନୁସାରେ ଗ୍ରହଣୀୟ ଗୁଣାତ୍ମକ ମାନର ଅଧିକାରୀ ହୋଇଥାଏ କି ? ଭାରତୀୟ ଆମ୍ବକୁ ପ୍ରତ୍ୟାଖ୍ୟାନ ତେଣୁ ଭାରତର ସାଂସ୍କୃତିକ ଐତିହ୍ୟକୁ ପ୍ରତ୍ୟାଖ୍ୟାନ ନୁହେଁ; ଜାପାନ ବା ନେପାଳ ଭଳି ଦେଶମାନେ ଯାହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ତାହା ହେଲା ଭାରତରେ ଆମ୍ବ ଉତ୍ପାଦନ, ସଂଗ୍ରହ, ସଂରକ୍ଷଣ, ପରିବହନ ଓ ରପ୍ତାନି ଆଦିରେ ସଂପୃକ୍ତ ବ୍ୟବସ୍ଥାମାନଙ୍କର ନିର୍ଭରଯୋଗ୍ୟତା । ଭାରତ ତେଣୁ ତା’ର ଆମ୍ବ ପ୍ରତି ବିରୋଧକୁ ଏକ ଅପମାନ ରୂପେ ବିଚାର ନ କରି ଏଇ ସମସ୍ତ ବ୍ୟବସ୍ଥାରେ ଉନ୍ନତି ଘଟାଇ ସେମାନଙ୍କର ବିଶ୍ୱସନୀୟତାରେ ବୃଦ୍ଧି ଘଟାଇବାକୁ ଉଦ୍ୟମ କରିବା ଜରୁରି । ସୁଦୂର ଆମେରିକା ବା ନିଉଜିଲାଣ୍ଡରୁ ଆପ୍‌ଲ ଆମଦାନି ହୋଇ ଭାରତୀୟମାନଙ୍କ ଖାଦ୍ୟ ଥାଳିରେ ପହଂଚି ଯାଉଥିବା ବେଳେ କିମ୍ବା କାଲିଫର୍ନିଆର ବାଦାମ ସ୍ୱାସ୍ଥ୍ୟ ସଚେତନ ଭାରତୀୟମାନଙ୍କର ଦୈନିକ ଆହାରରେ ପରିଣତ ହେଉଥିବା ବେଳେ ଭାରତୀୟ ଅମୃତସମ ଆମ୍ବ ମଧ୍ୟ କାହିଁକି ବିଦେଶୀ ଖାଉଟିଙ୍କ ଖାଇବା ଟେବୁଲରେ ଆସ୍ଥାନ ନ ଜମାଇବ, ତାହାର କେ ?ଣସି ପ୍ରାକୃତିକ କାରଣ ନାହିଁ । ସରକାର ଓ ନୀତି ନିର୍ଦ୍ଧାରକମାନେ ଏ ଦିଗରେ ଥିବା ସମସ୍ତ କୃତ୍ରିମ ପ୍ରତିବନ୍ଧକମାନଙ୍କୁ ଦୂର କରି ଭାରତୀୟ ସଂସ୍କୃତିର ଅନବଦ୍ୟ ସ୍ୱାଦର ବାହକ ଆମ୍ବର ସମ୍ମାନରକ୍ଷା କରିବା ହେଉଛି ସେମାନଙ୍କର ଜାତୀୟତାବାଦୀ ଦାୟିତ୍ୱ ।

## ମଦ ଗଧିଆ

ମଦ୍ୟପାନର ସାମାଜିକ କ୍ଷତି ଏଭଳି ଗୁରୁତର ହୋଇଥିବା ବେଳେ ଏହାକୁ କେବଳ ଏକ ବ୍ୟକ୍ତିଗତ ପସନ୍ଦ ରୂପେ ବିଚାର କରି ମଦ୍ୟପକୁ ବ୍ୟକ୍ତିସ୍ୱାଧୀନତା ପ୍ରଦାନ କରାଯାଇ ପାରିବ ନାହିଁ । ବ୍ୟକ୍ତିସ୍ୱାଧୀନତା ଧାରଣାର ମୁଖ୍ୟ ପ୍ରବର୍ତ୍ତକ ଦାର୍ଶନିକ ଜନ୍ ଷ୍ଟୁଆର୍ଟ ମିଲ୍ ସେଥିପାଇଁ ‘କ୍ଷତି ନିୟମ’ ବା ‘ହାର୍ମ ପ୍ରିନ୍ ?ସିପ୍ଲ’ର ମଧ୍ୟ ପରିକଳ୍ପନା କରିଥିଲେ, ଯାହା ଅନୁସାରେ ବ୍ୟକ୍ତିର ଯେଉଁ ସ୍ୱାଧୀନ କାର୍ଯ୍ୟ ଯୋଗୁଁ ସମାଜ କ୍ଷତିଗ୍ରସ୍ତ ହୋଇଥାଏ, ସେଭଳି ସ୍ୱାଧୀନତାକୁ ସଂକୁଚିତ କରିବା ହେଉଛି ସମାଜର ଦାୟିତ୍ୱ । ସଂସାରରେ ଯେତେସବୁ ଅସାଧ୍ୟ କାର୍ଯ୍ୟ ରହିଛି, ସେଥିରେ ନିଶ୍ଚିତ ରୂପେ ଯାହା ହେଉଛି ଅଗ୍ରଗଣ୍ୟ, ତାହା ହେଲା ମଦଠାରୁ ମଦୁଆକୁ ବିଚ୍ଛିନ୍ନ କରିବାର ଅପଚେଷ୍ଟା । ଏହି ଉଦ୍ୟମକୁ ଭଣ୍ଡୁର କରିବା ନିମିତ କିପରି ବିଭିନ୍ନ ସୃଜନଶୀଳ କୌଶଳମାନ ଅବଲମ୍ବନ କରାଯାଇଥାଏ, ତାହାର ଏକ ସଦ୍ୟତମ ଉଦାହରଣ ସ୍ୱରୂପ ଏକ ତାଜା ଖବର ଅନୁସାରେ ସଂପୂର୍ଣ୍ଣ ନିଶା ନିବାରଣ ବଳବର ଥିବା ଶୁଷ୍କ ରାଜ୍ୟ ବିହାରରେ କୃଷି କାର୍ଯ୍ୟରେ ନିୟୋଜିତ ଥିବା ଟ୍ରାକ୍ଟରରେ ଲୁଚାଇ କରି ମଦ ବୋତଲ ପରିବହନ କରାଯାଉଥିବା ଧରାପଡ଼ିଛି । ଏଇଭଳି ବିଭିନ୍ନ ଚତୁର କୌଶଳମାନଙ୍କ ମଧ୍ୟରୁ ଦୀର୍ଘ କାଳ ଧରି ଆମ ଦେଶରେ ଅନୁସୃତ ହୋଇ ଆସୁଥିବା ଆଉ ଏକ ଏପରି କୌଶଳ ଅଛି ଯାହାକୁ ଆମେ ‘ଗଧିଆ-ମେଣ୍ଢାଛାଲ’ କୌଶଳ ନାମରେ ଅଭିହିତ କଲେ ଭୁଲ୍ ହେବ ନାହିଁ । ଗଧିଆଟିଏ ମେଣ୍ଢାଛାଲ ପରିଧାନ କରି ମେଣ୍ଢାପଲରେ ପଶିଯାଇ ଚୁପ୍‌ଚାପ୍ ସେମାନଙ୍କ ମଧ୍ୟରୁ କେତେକଙ୍କୁ ତା’ର ଆହରରେ ପରିଣତ କରିଥିବା ପରି ଏଇ କେ ?ଶଳ ଅନୁସାରେ ମଦ ଯେଉଁ ଛଦ୍ମବେଶ ପରିଧାନ କରି ନିର୍ବିରୋଧରେ ମଦ୍ୟାଶକ୍ତମାନଙ୍କୁ କବଳିତ କରିଥାଏ, ତାହା ହେଲା- ଔଷଧ । ଜଣାଶୁଣା ଭାବରେ ବଜାରରେ ଏପରି କେତେକ ଔଷଧ ଉପଲବ୍ ?ଧ ହୋଇଥାଏ, ଯେଉଁଥିରେ ଏପରି ଏକ ଉଚ୍ଚ ଅନୁପାତରେ କେତେକ ଜାତୀୟ ମଦର ମୁଖ୍ୟ ଉପାଦାନ ଇଥାଇଲ୍ ଆଲ୍ ?କହଲ ଉପସ୍ଥିତ ଥାଏ, ଯାହା ସେବନକାରୀମାନଙ୍କୁ ମଦ୍ୟପାନର ଏକ କାମଚଳା ଆନନ୍ଦ ପ୍ରଦାନ କରିଥାଏ । କେନ୍ଦ୍ର ସରକାର ଶେଷରେ ଅନେକ କାଳ ପରେ ଏବେ ସେ ସମ୍ପର୍କରେ ସଚେତନ ହୋଇ ସେଇ ଗଳାବାଟ ବନ୍ଦ କରି ମେଣ୍ଢାପଲରେ ଛଦ୍ମବେଶୀ ଗଧିଆର ପ୍ରବେଶରେ ଅନ୍ତ ଘଟାଇବା ଉଦ୍ଦେଶ୍ୟରେ ଦେଶରେ ବଳବତ୍ତର ଥିବା ‘ଡ୍ରଗ୍‌ସ ରୁଲ୍‌ସ, ୧୯୪୫’ରେ ସଂଶୋଧନ ଘଟାଇଛନ୍ତି । ଏଇ ସଂଶୋଧିତ ନିୟମ ଅନୁସାରେ ଏଣିକି ଯେଉଁ ଔଷଧ ସବୁରେ ୧୨ ଶତାଂଶରୁ ଅଧିକ ଅନୁପାତରେ ଇଥାଇଲ୍ ଆଲ୍‌କହଲ ଉପସ୍ଥିତ ଥିବ, ସେଇ ସବୁ ଔଷଧକୁ ୩୦ ମି.ଲି. ଠାରୁ ଅଧିକ ପରିମାଣରେ ବିକ୍ରୟ କରାଯାଇ ପାରିବ ନାହିଁ । ଏହା ବ୍ୟତୀତ ଏଇଭଳି ଔଷଧମାନଙ୍କୁ ବର୍ତ୍ତମାନ ‘ଏଚ୍-୧ ସିଡ୍ୟୁଲ୍’ରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଫଳରେ ଡାକ୍ତରଙ୍କ ପ୍ରେସ୍କ୍ରିପ୍‌ସନ୍ ବିନା ଏହାର ବିକ୍ରୟ କରାଯାଇ ପାରିବ ନାହିଁ । ସେହିପରି ଏଣିକି ସଂପୃକ୍ତ ଫାର୍ମାସିମାନଙ୍କୁ ଏଇଭଳି ଔଷଧ ବିକ୍ରୟ ପାଇଁ କେତେକ ନୂତନ କଟକଣାର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିବ, ଯେମିତି ତାଙ୍କୁ ପ୍ରତ୍ୟେକ ଔଷଧ ବୋତଲ ବିକ୍ରୟ ସଂପର୍କିତ ବିଭିନ୍ନ ଟିକିନିଖି ସୂଚନା ଲିପିବଦ୍ଧ କରିବାକୁ ପଡ଼ିବ, ଯେଉଁଥିରେ ଅନ୍ତର୍ଭୁକ୍ତ ରୋଗୀଙ୍କ ନାମ, ଡାକ୍ତରଙ୍କ ନାମ, ବିକ୍ରୟ ପରିମାଣ, ତାରିଖ ଆଦି । ସେତିକି ନୁହେଁ, ଏଇ ବିକ୍ରୟ ବିବରଣୀକୁ ତିନି ବର୍ଷ ପାଇଁ ସାଇତି ରଖିବାକୁ ହେବ । ଯଦି ମଦ୍ୟପମାନେ ଅନେକଗୁଡ଼ିଏ ୩୦ ମି.ଲି.ବାଲା ବୋତଲ କ୍ରୟ କରି ଆଇନକୁ ଆଖିମିଟିକା ମାରିବେ ବୋଲି ଭାବୁଥାନ୍ତି, ତା’ହେଲେ ଏଇ ଅତିରିକ୍ତ ଆବଶ୍ୟକତା ଫାର୍ମାସି ବା ଔଷଧ ଦୋକାନମାନଙ୍କୁ ସେମାନଙ୍କ ସହିତ ସହଯୋଗ କରିବାରୁ ନିରୁତ୍ସାହିତ କରିବ । ଏହା ଅବଶ୍ୟ ସତ ଯେ କେତେକ ରୋଗର ଚିକିତ୍ସା ପାଇଁ ପ୍ରସ୍ତୁତ କରାଯାଉଥିବା ଔଷଧରେ ଆଲ୍‌କହଲ ଏକ ଆବଶ୍ୟକ ଉପାଦାନ ରୂପେ ବ୍ୟବହୃତ ହୋଇଥାଏ, ଯେମିତି ଏକ ଦ୍ରାବକ କିମ୍ବା ସଂରକ୍ଷଣର ମାଧ୍ୟମ ରୂପରେ । ସମସ୍ୟା ଉପୁଜିଥାଏ, ଯେତେବେଳେ ଏହାର ଆଢୁଆଳରେ କେତେକ ଶ୍ରେଣୀର ମଦ୍ୟପାନକାରୀମାନେ ମଦ କ୍ରୟ ସଂପର୍କିତ କେତେକ ସାମାଜିକ ଓ ବେ ?ଧାନିକ ନିୟନ୍ତ୍ରଣକୁ ଏଡ଼ାଇବା ଉଦ୍ଦେଶ୍ୟରେ ଔଷଧ ନାମ ବହନ କରୁଥିବା ମଦ କ୍ରୟ କରିବା ପାଇଁ ଏକ ସୁଯୋଗ ପାଇଯାଇଥାନ୍ତି, ଯେମିତି ଅପ୍ରାପ୍ତ ବୟସ୍କ ନିଶା ସେବନକାରୀ କିମ୍ବା ମାତାଲମାନେ । ଏହା ବସ୍ତୁତଃ ଔଷଧ ଦୋକାନକୁ ପରିଣତ କରିଦେଇଥାଏ ମଦ ଦୋକାନରେ । ନୈତିକତା ଦୃଷ୍ଟିରୁ ବିଚାର କଲେ ଔଷଧ କ୍ରୟ ପାଇଁ ଯାଉଥିବା ଜଣେ ରୋଗୀ ଓ ନିଶା ଦ୍ରବ୍ୟ କ୍ରୟ କରିବାକୁ ଯାଇଥିବା ଜଣେ ମଦ୍ୟପ ଏକତ୍ର ଏକ ଔଷଧ ଦୋକାନ କାଉଣ୍ଟରରେ ଛିଡ଼ାହେବା ଗ୍ରହଣୀୟ ନୁହେଁ । ଜନସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଦେଖିଲେ, ସମାଜରେ ମଦ୍ୟପାନର ସଂକୋଚନ ନିମିନ୍ନ ଗ୍ରହଣ କରାଯାଉଥିବା ଯେ କୌଣସି ଉଦ୍ୟମ ହେଉଛି ସର୍ବଦା ସ୍ୱାଗତଯୋଗ୍ୟ । ଆଲ୍‌କହଲ ସେବନ ସ୍ୱାସ୍ଥ୍ୟ ପାଇଁ କିଭଳି କ୍ଷତିକାରକ ହୋଇଥାଏ ତାହା ଅସୁମାରି ସ୍ୱାସ୍ଥ୍ୟ ଗବେଷକମାନଙ୍କ ଦ୍ୱାରା ସାବ୍ୟସ୍ତ ହୋଇସାରିଛି, ଯେଉଁଥି ତାଲିକାରେ ଅନ୍ତର୍ଭୁକ୍ତ- ହୃଦ୍‌ରୋଗ, ଯକୃତ ସିରୋସିସ୍, କ୍ୟାନ୍ ?ସର୍, ମସ୍ତିଷ୍କ ବ୍ୟାଧି, ମାନସିକ ବ୍ୟାଧି ଓ ଦୁର୍ଘଟଣା ପ୍ରବଣତା ଆଦି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (‘ହୁ’) ସେଇଥିପାଇଁ ଆଲ୍‌କହଲ ସେବନକୁ ଉଭୟ ରୋଗ ଓ ସାମାଜିକ କ୍ଷତିର ଏକ ମାଧ୍ୟମ ରୂପେ ଅଭିହିତ କରିଛି । ଏହା ହିଁ ହେଉଛି ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ମଦ୍ୟପାନ ବିରୁଦ୍ଧରେ ଦେଖାଯାଉଥିବା ଜନ ଆକ୍ରୋଶ, ବିଶେଷ କରି ମହିଳାମାନଙ୍କ ବିରୋଧର କାରଣ । ମଦ୍ୟପାନର ସାମାଜିକ କ୍ଷତି ଏଭଳି ଗୁରୁତର ହୋଇଥିବା ବେଳେ ଏହାକୁ କେବଳ ଏକ ବ୍ୟକ୍ତିଗତ ପସନ୍ଦ ରୂପେ ବିଚାର କରି ମଦ୍ୟପକୁ ବ୍ୟକ୍ତିସ୍ୱାଧୀନତା ପ୍ରଦାନ କରାଯାଇ ପାରିବ ନାହିଁ । ବ୍ୟକ୍ତିସ୍ୱାଧୀନତା ଧାରଣାର ମୁଖ୍ୟ ପ୍ରବର୍ତ୍ତକ ଦାର୍ଶନିକ ଜନ୍ ଷ୍ଟୁଆର୍ଟ ମିଲ୍ ସେଥିପାଇଁ ‘କ୍ଷତି ନିୟମ’ ବା ‘ହାର୍ମ ପ୍ରିନ୍‌ସିପ୍ଲ’ର ମଧ୍ୟ ପରିକଳ୍ପନା କରିଥିଲେ, ଯାହା ଅନୁସାରେ ବ୍ୟକ୍ତିର ଯେଉଁ ସ୍ୱାଧୀନ କାର୍ଯ୍ୟ ଯୋଗୁଁ ସମାଜ କ୍ଷତିଗ୍ରସ୍ତ ହୋଇଥାଏ, ସେଭଳି ସ୍ୱାଧୀନତାକୁ ସଂକୁଚିତ କରିବା ହେଉଛି ସମାଜର ଦାୟିତ୍ୱ । ଅନେକ ସମୟରେ ଦେଖାଯାଇଥାଏ ପାରିବାରିକ ହିଂସାକାଣ୍ଡରୁ ସଡ଼କ ଦୁର୍ଘଟଣା ପର୍ଯ୍ୟନ୍ତ, ଧର୍ଷଣ ଭଳି ଜଘନ୍ୟ ଅପରାଧରୁ କାର୍ଯ୍ୟାଳୟରେ ଅନୁପସ୍ଥିତି ଆଦି ପର୍ଯ୍ୟନ୍ତରେ ଯାହାର ଏକ ମୁଖ୍ୟ ଭୂମିକା ଉପସ୍ଥିତ ଥାଏ, ତାହା ହେଉଛି- ଆଲ୍‌କହଲ ସେବନ ଅର୍ଥାତ୍ ମଦ୍ୟପାନ । ତେଣୁ ଯେତେବେଳେ ଔଷଧ ଭଳି ମନୁଷ୍ୟର ଏକ ଯନ୍ତ୍ରଣା ଉପଶମକାରୀ କିମ୍ବା ଜୀବନରକ୍ଷାକାରୀ ପଦାର୍ଥକୁ ଧାରଣ କରୁଥିବା ଏକ ବୋତଲ ଭିତରେ ମଦ ନାମକ ଏଇ ଭୟଙ୍କର ଭୂତ ଆତ୍ମଗୋପନ କରିଥିବା ଜଣାପଡ଼େ, ତାହା ଘୋର ଚିନ୍ତାଜନକ ହୋଇଥାଏ । କେ ?ଣସି ଜନମଙ୍ଗଳ ରାଷ୍ଟ୍ରରେ ଏଭଳି ଏକ ମିଥ୍ୟାଚାର ଗ୍ରହଣୀୟ ହୋଇପାରିବ ନାହିଁ । ଏହା ତେଣୁ ଆମକୁ ଆଶ୍ୱସ୍ତ କରିଥାଏ ଯେ, ଦୀର୍ଘ କାଳ ଧରି ଭାରତରେ ଏକାଧିକ ସରକାରମାନ ଏଥିପ୍ରତି ଉଦାସୀନ ରହିଆସିବା ପରେ ବର୍ତ୍ତମାନ ଯେତେଦୂର ସମ୍ଭବ ବୋତଲ ଭିତରୁ ସେଇ ମଦ ଭୂତକୁ ସହଜରେ ବାହାରିବାକୁ ନ ଦେବା ପାଇଁ ସରକାର ତା’ର ଠିପିକୁ ଏଭଳି ଆଉ ଟିକିଏ ଭିଡ଼ି ଦେବାକୁ ନିଷ୍ପତ୍ତି ନେଇଛନ୍ତି ।

## ଜନଜାତୀୟ ଗୌରବ ଭାବନାର ଉତ୍ସବ

ଇତିହାସର ପ୍ରତି କାଳଖଣ୍ଡରେ ଆମ ମାତୃଭୂମିର କୋଳମଣ୍ଡନ କରିଛନ୍ତି ଅନେକ ବୀରପୁରୁଷ ଓ ବୀରରମଣୀ । ସେମାନେ ନିଜର ଅସାଧାରଣ ପ୍ରତିଭା ବଳରେ ଭାରତୀୟତାର ଭାବନାକୁ ପରିପ୍ରକାଶ କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଆମ ସପ୍ତର୍ଷିମଣ୍ଡଳର ତାରକାଙ୍କ ପରି ଆମକୁ ଅହର୍ନିଶ ବାଟ କଢ଼ାଇ ଚାଲିଛନ୍ତି । ଭାରତ ଆକାଶର ସପ୍ତର୍ଷିମଣ୍ଡଳର ଏହିପରି ଜଣେ ଉଜ୍ଜ୍ୱଳ ତାରକା ଥିଲେ ଭଗବାନ ବିର୍ସା ମୁଣ୍ଡା । ତାଙ୍କରି ଆଲୋକରେ ଏ ଦେଶର ଗତିପଥ ଆଲୋକିତ । ଦେଶ, ଆଧୁନିକ ଭାରତ ଇତିହାସର ଏହି ମହାନାୟକଙ୍କ ୧୫୦ତମ ଜନ୍ମବାର୍ଷିକୀର ବର୍ଷବ୍ୟାପୀ ଉତ୍ସବ ଶୁଭାରମ୍ଭ କରୁଥିବା ଅବସରରେ ତାଙ୍କ ପୁଣ୍ୟ ସ୍ମୃତି ପ୍ରତି ମୁଁ କୃତଜ୍ଞତାପୂର୍ବକ ସମ୍ମାନ ଜ୍ଞାପନ କରୁଛି । ପିଲାଦିନେ ଭଗବାନ ବିର୍ସା ମୁଣ୍ଡାଙ୍କ କଥା ଶୁଣି ମୁଁ ଓ ମୋର ସାଙ୍ଗମାନେ କିପରି ଆମ ପରମ୍ପରା ପାଇଁ ଗର୍ବ ଅନୁଭବ କରୁଥିଲୁ, ତାହା ମୋର ମନେପଡୁଛି । ମାତ୍ର ୨୫ ବର୍ଷର ସ୍ୱଳ୍ପ ଆୟୁଷ ଥିଲା ତାଙ୍କର । ଆଜିର ଝାଡ଼ଖଣ୍ଡର ଉଲିହାତୁରେ ତାଙ୍କର ଜନ୍ମ । କୈଶୋରରୁ ହିଁ ସେ ଉପନିବେଶବାଦୀ ଶୋଷଣ ବିରୋଧୀ ଜନପ୍ରତିରୋଧର ନେତୃତ୍ୱ ନେଇଥିଲେ । ଯେତେବେଳେ ବ୍ରିଟିଶ୍ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଜମିଦାରମାନେ ଆଦିବାସୀମାନଙ୍କୁ ଶୋଷଣ କରୁଥିଲେ, ସେମାନଙ୍କ ଭୂମି ହରଣ କରୁଥିଲେ ଏବଂ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ, ସେତେବେଳେ ଭଗବାନ ବିର୍ସା ଏହି ସାମାଜିକ ଓ ଆର୍ଥିକ ଅନ୍ୟାୟ ବିରୁଦ୍ଧରେ ଠିଆ ହୋଇ ନିଷ୍ପେଷିତ ଲୋକମାନଙ୍କୁ ସେମାନଙ୍କ ଅଧିକାର ପାଇଁ ଲଢ଼େଇ କରିବାକୁ ପ୍ରେରଣା ଦେଇଥିଲେ । ‘ଧରତୀ ଆବା’ ଭାବରେ ସମ୍ମାନିତ ଭଗବାନ ବିର୍ସା ୧୮୯୦ ଦଶକର ଶେଷ ଭାଗରେ ବ୍ରିଟିଶ୍ ଅତ୍ୟାଚାର ବିରୋଧରେ ‘ଉଲଗୁଲାନ’ ବା ମୁଣ୍ଡା ବିଦ୍ରୋହ ସଂଗଠିତ କରିଥିଲେ । ଉଲଗୁଲାନ କେବଳ ଏକ ବିଦ୍ରୋହ ନଥିଲା । ଏହା ଆଦିବାସୀଙ୍କ ନ୍ୟାୟ ଓ ସାଂସ୍କୃତିକ ପରିଚୟର ସଂଗ୍ରାମ ପାଲଟିଥିଲା । ଭଗବାନ ବିର୍ସା ମୁଣ୍ଡା ନିଜ ବୋଧଶକ୍ତି ବଳରେ ଗୋଟିଏ ପଟେ ଆଦିବାସୀଙ୍କ ଜମିର ମାଲିକାନା ଓ ଜମି ଚାଷ ଅଧିକାର ଏବଂ ଅନ୍ୟପଟେ ଆଦିବାସୀ ରୀତିନୀତି ଓ ସାମାଜିକ ମୂଲ୍ୟବୋଧକୁ ଏକାଠି କରିପାରିଥିଲେ । ମହାତ୍ମା ଗାନ୍ଧୀଙ୍କ ପରି, ନ୍ୟାୟ ଓ ସତ୍ୟର ଅନ୍ୱେଷଣ ଥିଲା ତାଙ୍କ ସଂଗ୍ରାମର ପଥ-ପ୍ରଦର୍ଶକ । ପୀଡ଼ିତଙ୍କ ଚିକିତ୍ସା କରିବା ଥିଲା ତାଙ୍କ ଜୀବନର ବ୍ରତ । ସେ ଜଣେ ଚିକିତ୍ସକ ଭାବରେ ତାଲିମ ପାଇଥିଲେ । ବିଭିନ୍ନ ଘଟଣାରୁ ଲୋକମାନେ ବିଶ୍ୱାସ କରୁଥିଲେ ଯେ ଈଶ୍ୱର ତାଙ୍କୁ ଏପରି ହାତଟିଏ ଦେଇଛନ୍ତି, ଯେଉଁ ହାତ ଲାଗିଲା କ୍ଷଣି ରୋଗୀର ରୋଗ ଭଲ ହୋଇଯାଏ । ରୋଗୀଙ୍କୁ ତାଙ୍କ ପାଖକୁ ଆଣିବା ପାଇଁ ସେ ଲୋକମାନଙ୍କୁ ପରାମର୍ଶ ଦେଉଥିଲେ । ସେ ମଧ୍ୟ କହୁଥିଲେ, “ଯଦି ରୋଗୀ ମୋ ପାଖକୁ ଆସି ନ ପାରିବ, ମୁଁ ନିଜେ ରୋଗୀ ପାଖକୁ ଯାଇ ତା’ର ସେବା କରିବି ।” ସେ ଗାଁ ଗାଁ ବୁଲି ରୋଗୀମାନଙ୍କୁ ଭେଟୁଥିଲେ ଏବଂ ନିଜର ଚିକିତ୍ସା ବିଦ୍ୟା ଓ ହାତର ସ୍ପର୍ଶରେ ଅଗଣିତ ଲୋକଙ୍କୁ ରୋଗମୁକ୍ତ କରୁଥିଲେ । ତାଙ୍କ ବଳିଦାନର ଗାଥା ଭାରତର ଆଦିବାସୀ ସମ୍ପ୍ରଦାୟର ମହାନ ବିପ୍ଳବୀମାନଙ୍କ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ଆଦିବାସୀମାନଙ୍କ ସଂଘର୍ଷ ସୂଚାଏ ଯେ ଏ ମାଟିର ଏପରି ଏକ ସ୍ୱତନ୍ତ୍ର ପରମ୍ପରା ରହିଛି, ଯେଉଁଠାରେ କୌଣସି ସମାଜ ବା ସମ୍ପ୍ରଦାୟ ମୁଖ୍ୟସ୍ରୋତ ଠାରୁ ପୃଥକ୍ ନୁହନ୍ତି । ଅଧୁନା ଅନୁସୂଚିତ ଜନଜାତି ବର୍ଗ ଅନ୍ତର୍ଭୁକ୍ତ ବନବାସୀଗଣ ସର୍ବଦା ଭାରତୀୟ ସମୂହର ଅଂଶ ହୋଇ ରହିଆସିଛନ୍ତି । ଦିନ ଥିଲା, ଭଗବାନ ବିର୍ସା ମୁଣ୍ଡା ଓ ଅନ୍ୟ ବିପ୍ଳବୀଗଣ ଆମ ଇତିହାସର ‘ଅନାଲୋଚିତ ନାୟକ’ ଭାବେ ପରିଗଣିତ ହେଉଥିଲେ । କିନ୍ତୁ ସାମ୍ପ୍ରତିକ ସମୟରେ ସେମାନଙ୍କ ପରାକ୍ରମ ଓ ବଳିଦାନ ଅଧିକରୁ ଅଧିକ ପ୍ରଶଂସିତ ହେଉଛି । ‘ଆଜାଦୀ କା ଅମୃତ ମହୋତ୍ସବ’ ଅବସରରେ ଆମେ ଭାରତର ସଂସ୍କୃତି ଓ ସଫଳତାର ଗୌରବମୟ ଇତିହାସ ସ୍ମରଣ କରିଥିଲୁ । ଏହା ଦ୍ୱାରା ଅପେକ୍ଷାକୃତ କମ୍ ଜଣାଶୁଣା, ଭାରତର ମହାନ ଦେଶଭକ୍ତମାନଙ୍କ ଅବଦାନ ବିଷୟରେ ଆମ ଲୋକମାନେ, ବିଶେଷକରି ଯୁବପିଢ଼ି ଅଧିକ ଜାଣିବାର ସୁଯୋଗ ପାଇଛନ୍ତି । ଆଦିବାସୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ୨୦୨୧ ମସିହାରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନଭେମ୍ବର ୧୫କୁ ‘ଜନଜାତୀୟ ଗୌରବ ଦିବସ’ ଭାବରେ ପାଳନ କରିବା ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଆମର ଇତିହାସ-ମନସ୍କତା ପୂର୍ବାପେକ୍ଷା ବୃଦ୍ଧି ପାଇଛି । ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ ପ୍ରତି ସମ୍ମାନ ପ୍ରଦର୍ଶନ ଦ୍ୱାରା ସ୍ୱଳ୍ପାଲୋଚିତ ଆଦିବାସୀ ଇତିହାସ ଭାରତ ଇତିହାସର କେନ୍ଦ୍ରବିନ୍ଦୁ ପାଲଟିଛି । ଇତିହାସର ଏହି ଅଧ୍ୟାୟ ଆଜି ଅଧିକ ପ୍ରାସଙ୍ଗିକ, କାରଣ ଏହା ଆଧୁନିକ ସମାଜକୁ ପ୍ରକୃତି ସହିତ ସମନ୍ୱୟ ରକ୍ଷା କରି ଜୀବନଯାପନ କରିବା ଓ ପରିବେଶ ସଂରକ୍ଷଣକୁ ପ୍ରାଧାନ୍ୟ ଦେବା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦିଏ । ପିଲାଦିନେ ମୋ ବାପାଙ୍କୁ ଜାଳେଣି ପାଇଁ ଶୁଖିଲା କାଠଝାଟ ସଂଗ୍ରହ ପୂର୍ବରୁ ପ୍ରକୃତିକୁ କ୍ଷମା ମାଗୁଥିବାର ମୁଁ ଦେଖିଛି । ସେ କଥା ଆଜି ବି ମୋର ମନେ ଅଛି । ସାଧାରଣତଃ ଆଦିବାସୀମାନେ ବ୍ୟକ୍ତି-ସ୍ୱାର୍ଥ ଠାରୁ ସମୂହ-ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଏହା ସେମାନଙ୍କ ସୁଖ-ସନ୍ତୋଷର କାରଣ । ମାନବ ଜାତିର ଉନ୍ନତ ଭବିଷ୍ୟତ ନିମନ୍ତେ ଜନଜାତି ସମାଜର ଏହି ବିରଳ ବୈଶିଷ୍ଟ୍ୟକୁ ଉଜ୍ଜୀବିତ ରଖିବାର ଆବଶ୍ୟକତା ରହିଛି । ଭାରତର ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଆଦିବାସୀ ସମ୍ପ୍ରଦାୟର ଗୁରୁତ୍ୱକୁ ଯଥା-ସ୍ୱୀକୃତି ଦେବା ନିମନ୍ତେ ସରକାର ଗତ ଏକ ଦଶନ୍ଧି ଧରି ଚଳାଇଥିବା ବ୍ୟାପକ ପ୍ରୟାସ ପଛର ଏହା ହିଁ କାରଣ । ଜନମଙ୍ଗଳକୁ ସ୍ଲୋଗାନ୍ ମଧ୍ୟରେ ସୀମିତ ନ ରଖି ଏହାକୁ ତୃଣମୂଳ ସ୍ତରରେ ପହଚାଂଇବା ଉଦ୍ଦେଶ୍ୟରେ ସରକାର ଅନେକ କାର୍ଯ୍ୟକ୍ରମ ଓ ଯୋଜନାମାନ ଘୋଷଣା କରିଛନ୍ତି । ଆଦିବାସୀମାନଙ୍କ ବିକାଶ ଓ ମଙ୍ଗଳ ନିମନ୍ତେ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣପୂର୍ବକ ଗତ ମାସରେ ପ୍ରାୟ ୬୩,୦୦୦ ଆଦିବାସୀ ଗ୍ରାମରେ ସାମାଜିକ ଭିତ୍ତିଭୂମିର ଅଭାବ ପୂରଣ କରିବା ପାଇଁ ‘ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ’ର ଶୁଭାରମ୍ଭ କରାଯାଇଥିଲା । ଏହା ବ୍ୟତୀତ ଜନମଙ୍ଗଳକାରୀ ପଦକ୍ଷେପକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ‘ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ’ (ପିଏମ୍-ଜନମନ) ୧୧ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ପ୍ରାଧାନ୍ୟ ଦେଉଅଛି । ମୋର ବିଶ୍ୱାସ, ଆଦିବାସୀ ବର୍ଗର ସର୍ବାଙ୍ଗୀନ ଉନ୍ନତି କଳ୍ପେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ହିଁ ଭଗବାନ ବିର୍ସା ମୁଣ୍ଡା ଓ ଅନ୍ୟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଗଣଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ରାଷ୍ଟ୍ରପତି ଭବନ ଅନୁସୂଚିତ ଜନଜାତି ବର୍ଗର ନିକଟତର ହେବା ପାଇଁ ମଧ୍ୟ ନୂଆ ନୂଆ ପଦକ୍ଷେପ ନେଇଆସୁଛି ଏବଂ ଏଥିରେ ମୁଁ ବେଶ୍ ସନ୍ତୋଷ ଲାଭ କରିଛି । ରାଷ୍ଟ୍ରପତି ଭବନ ସଂଗ୍ରହାଳୟର ଅଂଶସ୍ୱରୂପ, ଆଦିବାସୀଙ୍କ ସମୃଦ୍ଧ କଳା, ସଂସ୍କୃତି ତଥା ରାଷ୍ଟ୍ର ନିର୍ମାଣରେ ଆଦିବାସୀ ସମ୍ପ୍ରଦାୟର ଅବଦାନର ନିଦର୍ଶନ ବହନ କରୁଥିବା ‘ଜନଜାତୀୟ ଦର୍ପଣ’ ଗ୍ୟାଲେରିକୁ ଉଦ୍‌ଘାଟନ କରିବା ମୋ ପାଇଁ ସୌଭାଗ୍ୟର ବିଷୟ ଥିଲା । ମୁଁ ମଧ୍ୟ ଚଳିତ ବର୍ଷ ଅଗଷ୍ଟ ମାସରେ ରାଜ୍ୟପାଳ ସମ୍ମିଳନୀ ଅବସରରେ ଆଦିବାସୀ-ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ ସମ୍ବଳର ଉତ୍ତମ ବିନିଯୋଗ ଉପରେ ଗୁରୁତ୍ୱ ଦେଇଥିଲି ।

Printed, Published,Edited and Owned by Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com ( ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସମ୍ପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତ୍ତରଦାୟୀ । ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକା ଅଧୀନରେ ହେବ । ) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ବର୍ଷାରେ ବିସ୍ଥାପନର ଆଦେଶ : ସମଲେଇ ପ୍ରକଳ୍ପ-୨ ପାଇଁ ଘର ଛାଡ଼ିବେ ୩୩୭ ପରିବାର



ସମ୍ବଲପୁର,୨୧/୭(ନି/ପ୍ର): ଠିକ୍ ବର୍ଷାରେ ସମଲେଇ ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ଘର ଛାଡ଼ିବାକୁ ଆସିଛି ତହସିଲଦାରଙ୍କ ଆଦେଶ । ସେଥିରେ ପୁଣି ଦଳିତ ବୋଲି ଜାଣିଲେ କେହି ଭଡ଼ାଘର ମଧ୍ୟ ଦେବାକୁ ରାଜି ହେଉନାହାନ୍ତି । ଯେଉଁମାନେ ଘର ଦେଉଛନ୍ତି ଦର ଏତେ ଅଧିକ ଯେ ହାତ ପାଉନି । ଏହା କହିଛନ୍ତି ସମ୍ବଲପୁର ଜିଲ୍ଲା ଫାର୍ମରୋଡ଼ ନିକଟସ୍ଥ ମାଛବନ୍ଧ ପଡ଼ାର ବିସ୍ଥାପନ ହେବାକୁ ଥିବା ପରିବାର । ଅନ୍ୟଦିଗରେ ପ୍ରଶାସନ ପକ୍ଷରୁ ଏମାନଙ୍କ ଥଇଥାନ କ'ଣ କରାଯାଇଛି କେହି ଜାଣିପାରୁ ନଥିବା କହିଛନ୍ତି । ସମଲେଇ-୧ ପରେ ଫାର୍ମରୋଡ଼ ନିକଟରେ ଚାଲିଛି ସମଲେଇ ପ୍ରକଳ୍ପ-୨ ଅନ୍ତର୍ଗତରେ ଯାତ୍ରୀନିବାସ, ବୋଟିଂଜୋନ୍, ମ୍ୟୁଜିକାଲ ଫାଉଣ୍ଟେନ, ଶିଶୁଉଦ୍ୟାନ ସମେତ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟ । ଏଥିପାଇଁ ୩୩୭ ପରିବାରଙ୍କୁ ବିସ୍ଥାପନ କରିବାକୁ ସର୍ଭେ ସରିଛି । ଯେଉଁଥିରେ ୬୩ ବସ୍ତି ବାସିନ୍ଦା, ୨୦୦ ଅଣବସ୍ତି ବାସିନ୍ଦା ଏବଂ ୨ଟି ଧାର୍ମିକ ଏବଂ କ୍ଲବ୍ ପ୍ରତିଷ୍ଠାନ ରହିଛି । ଏହି ପର୍ଯ୍ୟଟନ ପ୍ରକଳ୍ପକୁ କାହାରି ବିରୋଧ ନାହିଁ । କିନ୍ତୁ ଯେଉଁଭଳି ଭାବରେ ବସ୍ତି ବାସିନ୍ଦାଙ୍କୁ ଅଚାନକ ଅନ୍ୟାୟପୂର୍ଣ୍ଣ ଘର ଛାଡ଼ିବା ପାଇଁ କୁହାଯାଇଛି ତାକୁ ନେଇ ଫାର୍ମରୋଡ଼ ମାଛବନ୍ଧ ବସ୍ତି ଅଧିବାସୀ ଆପତ୍ତି ଉଠାଇଛନ୍ତି । ସେମାନଙ୍କ କହିବା ଅନୁସାରେ, ସମଲେଇ ପ୍ରକଳ୍ପ-୧ କାର୍ଯ୍ୟ ଚାଲିଥିବା ବେଳେ ୨୦୧୮ ମସିହାରେ ଘର ଛାଡ଼ିବା ପାଇଁ ନୋଟିସ ହୋଇଥିଲା । ଏହାକୁ ନେଇ ସେମାନେ ତହସିଲ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ତା' ପରଠାରୁ ଘର ଛାଡ଼ିବା କିମ୍ବା ପୁନର୍ବାସ କଥା ଉଠିଲାନି । ଅନ୍ୟ ପଡ଼ାକୁ ଯେଉଁଭଳି ଅଧିକାରୀମାନେ ଯାଇ ଘନଘନ ବୈଠକ କରୁଥିଲେ ତାଙ୍କ ପାଖକୁ କେହି ଆସିଲେ ନାହିଁ । ୮ ବର୍ଷ ପରେ ଏବେ ଅଚାନକ ଜୁଲାଇ ପ୍ରଥମ ସପ୍ତାହ ବେଳକୁ ତହସିଲ କର୍ମଚାରୀ ଆସି ୨୦ ତାରିଖ ସୁଦ୍ଧା ଘର ନ ଛାଡ଼ିଲେ ଘର ଭାଙ୍ଗିଦିଆଯିବ ବୋଲି କହୁଛନ୍ତି । କ୍ଷତିପୂରଣରେ ବି କୌଣସି ସ୍ପଷ୍ଟ ପ୍ୟାକେଜ ନାହିଁ । କେବଳ ୪ ହଜାର ଟଙ୍କାର ଘରଭଡ଼ା ଏବଂ ପରିବହନ ଖର୍ଚ୍ଚ ଦିଆଯିବା କଥା କୁହାଯାଇଛି ।ସମଲେଇ ପ୍ରକଳ୍ପ-୨ ବିସ୍ଥାପିତଙ୍କୁ ଥଇଥାନ ବ୍ୟବସ୍ଥା କରାଯାଇଛି ୭ ମାସର ଗର୍ଭବତୀ ଥିବା ଏହି ପଡ଼ାର କୁନ୍ତୀ ଷଣ୍ଢ କହନ୍ତି, ବଡ଼ବଜାର, ଦୁର୍ଗାପାଲି ଏଭଳି କୌଣସି ସ୍ଥାନ ନାହିଁ ଯେଉଁଠିକୁ ଘର ଖୋଜିବାକୁ ଯାଇ ନାହାନ୍ତି । କିନ୍ତୁ, ଏସ୍ ?ସି ଜାତି ବୋଲି ଜାଣିଲେ କେହି ଘର ଦେଉନାହାନ୍ତି । ଏଣେ କିନ୍ତୁ ଶରୀରର ଏ ସ୍ଥିତିରେ କେମିତି ଘର ଛାଡ଼ିବେ ତାକୁ ନେଇ ଚିନ୍ତାରେ ପଡ଼ିଯାଇଥିବା କହନ୍ତି । ପରଘରେ ବାସନ ମାଜୁଥିବା କୁନ୍ତୀଙ୍କ ଘରେ ଶିଶୁ ସନ୍ତାନଙ୍କ ସହିତ ସ୍ୱାମୀ ଅଛନ୍ତି । ଏସ୍‌ଏମ୍‌ସିର ସଫେଇ କର୍ମଚାରୀ ସଂଜୁ ଦୀପଙ୍କ ଅବସ୍ଥା ଭାରି ଖରାପ । ସେ ଲକ୍ଷାଧିକ ଟଙ୍କା ଋଣକରି ନିଜ ସନ୍ତାନମାନଙ୍କ ସହିତ ରୁହନ୍ତି । କିନ୍ତୁ ପୁନର୍ବାସ ପ୍ୟାକେଜରେ ତାଙ୍କୁ ତାଙ୍କ ମା'ଙ୍କ ପରିବାର ସହିତ ମିଶାଇ ଦିଆଯାଇଛି । ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଚଳାଇବା ପାଇଁ ଜଣେମାତ୍ର ମହିଳା ଭାବରେ ୧୫ ବର୍ଷ ଧରି ରାଜଘାଟରେ ଶବବାହକ କାର୍ଯ୍ୟକରି ଚର୍ଚ୍ଚିତ ଥିଲେ ଶାନ୍ତି ବେହେରା । ଆଜି ପୁଣି ଶାନ୍ତିଙ୍କ ପାଇଁ ବିସ୍ଥାପନ ଆହ୍ୱାନ ମାଡ଼ିଆସୁଛି । ନିଜ ଛୋଟ ନାତି, ନାତୁଣୀଙ୍କୁ ଧରି ୧୫ ଦିନ ହେଲା ଘର ଖୋଜୁଥିଲେ ମଧ୍ୟ ମିଳୁ ନାହିଁ । ଏହି ପଡ଼ାର ପିଙ୍କି କୁମ୍ଭାର, ସ୍ୱପ୍ନା ସୁନା, ମଂଜୁଳା ଖୁରା, ସୁକାନ୍ତି ଯାଦବ ସମେତ ଅନେକ ପରିବାର ମାତ୍ର ୧୫ ଦିନରେ ୪୦୦୦ ଟଙ୍କାର ଘର କେଉଁଠୁ ଖୋଜିବେ ବୋଲି ପ୍ରଶ୍ନ କରୁଛନ୍ତି । ବର୍ଷା ୨ ମାସର ମହଲତ ସହିତ ଅଙ୍ଗନବାଡ଼ି, ଶୌଚାଳୟ, ଷ୍ଟ୍ରିଟଲାଇଟ ସହିତ ଉପଯୁକ୍ତ କ୍ଷତିପୂରଣ ଏବଂ ଥଇଥାନ ବ୍ୟବସ୍ଥା ପାଇଁ ସମସ୍ତେ ଦାବି କରିଛନ୍ତି । ଭୂ-ଅର୍ଜନ ଅଧିକାରୀ ଅଭିଷେକ ସ୍ୱାଇଁ କହିଛନ୍ତି, ସମଲେଇ ପ୍ରକଳ୍ପ-୨ ବିସ୍ଥାପିତଙ୍କୁ ଦୁର୍ଗାପାଲି, କୁସୁମପଡ଼ା, ଚାଉଁରପୁରରେ ଥଇଥାନ ବ୍ୟବସ୍ଥା କରାଯାଇଛି । ପ୍ରକଳ୍ପ-୧ ଭଳି ଜମି, ଘରଭଡ଼ା ଏବଂ ପରିବହନ ଖର୍ଚ୍ଚ ପ୍ରଦାନ ଭଳି ସମାନ ଥଇଥାନ ବ୍ୟବସ୍ଥା ରହିଛି । ବର୍ଷା ମାସରେ ସେମାନଙ୍କ ଘର ଉଚ୍ଛେଦ ନ କରିବା ପାଇଁ ଆଲୋଚନା ଚାଲିଥିବା ଜଣାଇନ୍ତି ।

# ୪୫ କେଜି ଗଞ୍ଜେଇ ଜବତ, ୨ ଆନ୍ତଃରାଜ୍ୟ ଚୋରା ଚାଲାଣକାରୀ ଗିରଫ



ସମ୍ବଲପୁର,୨୧/୭(ନି/ପ୍ର): ସମ୍ବଲପୁର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବଡ଼ ଧରଣର ଚଢ଼ାଉ କରାଯାଇ ୪୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ଦୁଇ ଜଣ ଆନ୍ତଃରାଜ୍ୟ ଚୋରାଚାଲାଣକାରୀଙ୍କୁ ଗିରଫ କରାଯାଇଛି । ସୂଚନା ଅନୁଯାୟୀ, ଜୁଜୁମୁରା ଥାନା ଅନ୍ତର୍ଗତ ହାତିବାରି ଛକରେ ରବିବାର ସକାଳ ପ୍ରାୟ ୫ଟା ୩୦ ମିନିଟ୍ରେ ଅବକାରୀ ବିଭାଗ ଚଢ଼ାଉ କରି ଏକ ମାରୁତି ସୁଜୁକି ସ୍ୱିଫ୍ଟ କାରରୁ ୪୫ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା । ଏହି ଘଟଣାରେ ଅବକାରୀ ବିଭାଗ ଗଞ୍ଜେଇ ସହ ଏକ ମାରୁତି ସୁଜୁକି ସ୍ୱିଫ୍ଟ କାର ଏବଂ ୩ଟି ମୋବାଇଲ ଫୋନ୍ ମଧ୍ୟ ଜବତ କରିଛି । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ଟିକମଗଡ଼ ଜିଲ୍ଲାର ଦୀପକ କୁମାର ଛିପା ଏବଂ ଉତରପ୍ରଦେଶର ଝାନ୍ସୀ ଜିଲ୍ଲାର ଜୀବନ ଛିପା ଥିବା ଜଣାପଡିଛି । ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଜବତ ଗଞ୍ଜେଇ କନ୍ଧମାଳ ଅଂଚଳରୁ ବିଲାସପୁରକୁ ଚୋରାଚାଲାଣ କରାଯାଉଥିଲା । ଏହି ମାମଲାରେ ଅବକାରୀ ବିଭାଗ ଅଧିକ ତଦନ୍ତ ଜାରି ରଖିଛି ।

# ନୂତନ ରେଳପଥ ପାଇଁ ଆଉ ଏକ ପାଦ ଆଗେଇଛି ପ୍ରଶାସନ

ଜୟପୁର, ୨୧/୭(ନି/ପ୍ର) : କୋରାପୁଟ ଜିଲ୍ଲା ଜୟପୁର–ନବରଙ୍ଗପୁର ବହୁ ପ୍ରତୀକ୍ଷିତ ନୂତନ ରେଳପଥ ପ୍ରକଳ୍ପକୁ ନେଇ ଆଉ ଏକ ବଡ଼ ପଦକ୍ଷେପ । ଜମି ଅଧିଗ୍ରହଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଂଚିବା ପରେ ବୋରିଗୁମ୍ମା ପ୍ରଶାସନ ପକ୍ଷରୁ ଅଧିଗୃହୀତ ଜମିକୁ ରେଳ ବିଭାଗ ନିକଟରେ ହସ୍ତାନ୍ତର କରିବା କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ବୋରିଗୁମ୍ମା ତହସିଲ ଅନ୍ତର୍ଗତ ୧୩ଟି ଗାଁର ବେସରକାରୀ ଜମି ହସ୍ତାନ୍ତର ପ୍ରକ୍ରିୟା ଚାଲିଥିବାବେଳେ ସେଥିମଧ୍ୟରୁ ଆଉଁଳି ଓ ବରୋଗାଁ ମୌଜାର ଜମିକୁ ଆନୁଷ୍ଠାନିକ ଭାବେ ରେଳ ବିଭାଗର ଅଧିକାରୀଙ୍କ ନିକଟରେ ହସ୍ତାନ୍ତର କରାଯାଇଛି । ସ୍ୱତନ୍ତ୍ର ଭୁର୍ଜନ ଅଧିକାରୀ, ରେଳ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଏହି ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ ହୋଇଥିବାବେଳେ ଅବଶିଷ୍ଟ ଜମିକୁ ମଧ୍ୟ ପର୍ଯ୍ୟାୟ କ୍ରମେ ରେଳ ବିଭାଗକୁ ହସ୍ତାନ୍ତର କରାଯିବ । ଏହାପରେ ରେଳପଥ ନିର୍ମାଣ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି ।

# ମହିଳାଙ୍କ ଲୁଟ୍ ସ୍କୁଟି ଉଦ୍ଧାର,୨ ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୧/୭(ନି/ପ୍ର): ସମ୍ବଲପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ବୁର୍ଲା ଥାନା ପୋଲିସ ଏକ ସ୍କୁଟି ଲୁଟ୍ ମାମଲାର ତଦନ୍ତ କରି ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାନୁଯାୟୀ ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ଖଇରଝିଟିଙ୍ଗି ଗ୍ରାମର ୨୧ ବର୍ଷିୟା ଶ୍ରାବଣୀ ଭୁଏ ନାମ୍ନୀ ଯୁବତୀ ଗତ ୧୩ ଜୁଲାଇ ୧୩ ତାରିଖ ଦିନ ୧୧ଟା ସମୟରେ ସିକିର୍ଡି ଗ୍ରାମକୁ ସରକାରୀ କାମରେ ନିଜ ଆକ୍ଟିଭା ନମ୍ବର ଓଡି ୧୫ ଏବି ୩୦୦୦ରେ ଯୋଗେ ଯାଇଥିଲେ । କାମ ସାରି ଫେରିବା ବେଳେ ସିକିର୍ଡି ଗ୍ରାମ ନିକଟରେ ଓଡି ୧୫ ଏ ୬୮୪୮ ନମ୍ବରର ଏକ ଧଳା ହ୍ୟୁଣ୍ଡାଇ ଆଇ ଟେନ୍ କାରରେ ହେମନ୍ତ ମେହେର ଓ ତାଙ୍କ ସହଯୋଗୀ ତାଙ୍କୁ ଅଟକାଇ ଥିଲେ । ପରେ ତାଙ୍କ ଆକ୍ଟିଭାକୁ ଛଡ଼ାଇ ନେବା ସହ ତାଙ୍କୁ ଜବରଦସ୍ତି କାରରେ ବସାଇ ନେଇଥିବା ଅଭିଯୋଗ କରିଥିଲେ । ଏହି ଅଭିଯୋଗର ତଦନ୍ତ କରି ପୋଲିସ ଅଭିଯୁକ୍ତ ହେମନ୍ତ ମେହେର ଓ ତା' ସହଯୋଗୀ ୧୯ ବର୍ଷିୟ ଧରଣୀ କାଠିଆକୁ ଗିରଫ କରିଥିଲା । ଉଭୟ ଅଭିଯୁକ୍ତ ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ରୁସୁଡ଼ା ଗ୍ରାମର



ହୋଇଥିବା ବେଳେ ସେମାନଙ୍କ ନିକଟରୁ ଲୁଟ୍ ଆକ୍ଟିଭା ସ୍କୁଟି ଏବଂ ଘଟଣାରେ ବ୍ୟବହୃତ ଆଇ ଟେନ୍ ହ୍ୟୁଣ୍ଡାଇ କାରକୁ ଜବତ କରିଛି । ଆଜି ପୋଲିସ ୩୦୮/୨୬ ନମ୍ବର ମାମଲାରେ ଉଭୟଙ୍କୁ କୋର୍ଟ ଚାଲାଣ କରିଛି ।

# ଯୁବତୀଙ୍କୁ ପିଛା କରିବା ପଡିଲା ମହଙ୍ଗା: ଅଭିଯୁକ୍ତ ଯୁବକ ଗିରଫ



ସମ୍ବଲପୁର,୨୧/୭(ନି/ପ୍ର) : ସମ୍ବଲପୁର ଜିଲ୍ଲା ପୋଲିସ ଅନ୍ତର୍ଗତ ବୁର୍ଲା ଥାନା ପୋଲିସ ଜନୈକା ଯୁବତୀଙ୍କୁ ପିଛାକରି ଧମକ ଦେବା ଅଭିଯୋଗରେ ଅଭିଯୁକ୍ତ ଯୁବକକୁ ଗିରଫ କରି ୩୧୫/୨୬ ମାମଲାରେ କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ଗତ ଶନିବାର ରାତି ୯ଟା ବେଳେ ବୈଜାମୁଣ୍ଡା ଖାଗସିପାଲି ଗ୍ରାମର ୨୪ ବର୍ଷିୟା ଯୁବତୀ ସ୍ୱପ୍ନା ଖଡ଼ିଆ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ଦୀର୍ଘଦିନ ଧରି ବିଭିନ୍ନ ସମୟରେ କ୍ଷେତରାଜପୁର ଥାନା ଅନ୍ତର୍ଗତ କଞ୍ଜୁରି ଗ୍ରାମର ବଳରାମ କାଲୋ ତାଙ୍କୁ ପିଛା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଧମକ ଦେଇ ଆସୁଛନ୍ତି । ହଇରାଣ କରୁଛନ୍ତି । ଯୁବତୀର ଏହି ଅଭିଯୋଗକୁ ପାଇ ଆଜି କ୍ଷେତରାଜପୁର ଥାନା ଅନ୍ତର୍ଗତ ଦୁର୍ଗାପାଲି କଞ୍ଜୁରି ଅଂଚଳରୁ ୨୬ ବର୍ଷିୟ ବଳରାମ କାଲୋକୁ ଗିରଫ କରି ଥାନାକୁ ନେଇଥିଲା । ଥାନାରେ ଘଟଣା ସମ୍ପର୍କରେ ଜେରା କରିବା ପରେ ବଳରାମ ଠାରୁ ଗୋଟିଏ ଏକ ଧଳା ସାମସଙ୍ଗ ଏ ୫୫ ମଡେଲର ୫ଜି ମୋବାଇଲ ଫୋନ୍ ଜବତ କରିବା ପରେ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଓଡିଏମ୍ ମହାସଂଘର ବନ୍ଧୁ ମିଳନ ଓ ପ୍ରସ୍ତୁତି ବୈଠକ

## ସାମ୍ବାଦିକଙ୍କୁ ସୁରକ୍ଷା, ସମ୍ମାନ ଓ ପେନସନ ଦାବି

ଭୁବନ,୨୧/୭(ନି/ପ୍ର) :ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘ ଢ଼େଙ୍କାନାଳ ଜିଲ୍ଲା ଶାଖା ତରଫରୁ ଭୁବନ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଏକ ବନ୍ଧୁ ମିଳନ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ ଯେ,କେବଳ ବିଜ୍ଞାପନ ପାଇଁ ମେନଷ୍ଟ୍ରିମ୍ ମିଡିଆ ସରକାରଙ୍କ ଦୋଷ ଦୁର୍ବଳତାକୁ ଘଂଟ ଘୋଡ଼ାଇବା ସହ ଭିନ୍ନ ଢଙ୍ଗରେ ସଫଳତା ପ୍ରଚାର କରୁଥିବାବେଳେ ସୋସିଆଲ ମିଡିଆ ଓ ଡିଜିଟାଲ ମିଡିଆ ସରକାରଙ୍କ ଦୋଷତ୍ରୁଟି ଓ ଭୁଲ୍ ନିଷ୍ପତିକୁ ସମାଲୋଚନା କରି ଲୋକଙ୍କ ନିକଟରେ ପହଂଚାଉ ଦିନକୁ ଦିନ ଗ୍ରହଣୀୟ ହେଉଛି । ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘ ଅନ୍ୟମାନଙ୍କ ଠାରୁ ଭିନ୍ନ, ସ୍ୱତନ୍ତ୍ର ଓ ନିଆରା ସଂଗଠନ । ଏଥିରେ ସଦସ୍ୟ ହେବା ମାତ୍ରେ ଆଇ କାର୍ଡ଼, ସାର୍ଟିଫିକେଟ ସହିତ ୧ ଲକ୍ଷ ଟଙ୍କା ବୀମାଭୂକ୍ତ ହେଉଥିବାରୁ ଖୁବ୍ କମ୍ ଦିନରେ ସଦସ୍ୟ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି ବୋଲି ଶ୍ରୀ ପୋଥାଳ ସୂଚନା ଦେଇଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଓଡିଏମ୍ ମହାସଂଘ ରାଜ୍ୟ ସମ୍ପାଦକ ସଦାଶିବ ମହାପାତ୍ର ଅତିଥି ଭାବେ ଯୋଗଦେଇ ଗ୍ରାମାଂଚଳ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ସାମ୍ବାଦିକ ମାନେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ସାମାଜିକ ସୁରକ୍ଷା, ସମ୍ମାନ ଓ ପେନସନ ଦେବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ ଓ କର୍ତବ୍ୟ । ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ, ମାସିକ ଭତା ପ୍ରଦାନ, ସ୍ୱାସ୍ଥ୍ୟ ଓ ଦୁର୍ଘଟଣା ବୀମା ସୁବିଧା, ଅସାମାଜିକ ବ୍ୟକ୍ତି/ଦୁର୍ବୃର୍ତଙ୍କ ଦ୍ୱାରା ଆକ୍ରମଣ ଘଟଣାରେ ତ୍ୱରିତ ଆଇନଗତ ପଦକ୍ଷେପ, ସାମ୍ବାଦିକ କଲ୍ୟାଣ ପାଣ୍ଠିର ସୁଦୃଢ଼ିକରଣ, ଗ୍ରାମାଂଚଳ ସାମ୍ବାଦିକଙ୍କୁ ସମ୍ମାନ ସୁବିଧା ସୁଯୋଗ ପ୍ରଦାନ ପାଇଁ ଶ୍ରୀ ମହାପାତ୍ର ମତବ୍ୟକ୍ତ କରିଥିଲେ । ଏ ସମ୍ପର୍କରେ ଆଗାମୀ ଦିନରେ ଓଡିଏମ୍ ଢ଼େଙ୍କାନାଳ ଶାଖା ତରଫରୁ ଉପରୋକ୍ତ ନ୍ୟାୟ ସଙ୍ଗତ ଦାବି ସମ୍ପର୍କରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ମହାମହିମ ରାଜ୍ୟପାଳଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତି ନିଆଯାଇଥିଲା । ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପରବର୍ତୀ ବୈଠକ ଗନ୍ଦିଆ ଠାରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ସରୋଜ କୁମାର ମହାଳିକ, ବିଶ୍ୱ ରଞ୍ଜନ ହାତୀ, ଯୁଗ୍ମ ସମ୍ପାଦକ ଅଭିଜିତ୍ ମହାପାତ୍ର, ରାକେଶ ରଞ୍ଜନ ପଟ୍ଟନାୟକ, ସଂଗଠନ ସମ୍ପାଦକ ଦେବାଶିଷ ବାରିକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ପୋଥାଳ, ଦେବାନନ୍ଦ ସାହୁ, ବୁଦ୍ଧଦେବ ପଣ୍ଡା, ସୁଦର୍ଶନ ପୁହାଣ, ବିନୟ କୁମାର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଓଡ଼ିଶା ଡ୍ରାଇଭର ମହାସଂଘ ଭୁବନ ବ୍ଲକର କର୍ମକର୍ତା ନନ୍ଦ କିଶୋର ସାହୁ, ନାରାୟଣ ଧୀର, ଶିବରାମ ସାହୁ, ସନ୍ତୋଷ ପଟ୍ଟନାୟକ, ରାକେଶ କାଣ୍ଡି ପ୍ରମୁଖ ସେମାନଙ୍କର ବିଭିନ୍ନ ସମସ୍ୟା ଗଣମାଧ୍ୟମ ଜରିଆରେ ସରକାରଙ୍କ ନିକଟରେ ପହଂଚାଇ ସମାଧାନ କରିବାକୁ ନିବେଦନ କରିଥିଲେ ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜୟପୁର,୨୧/୭(ନି/ପ୍ର): ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଓ୍ୱା ପକ୍ଷରୁ ଚାଲିଥିବା ବୃକ୍ଷରୋପଣ ଅଭିଯାନର ତୃତୀୟ ପର୍ଯ୍ୟାୟ ଘୋଷରଡା ଗ୍ରାମରେ ସଫଳତାର ସହ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜାମୁ, ବୋର, ନିମ୍ବ, ସୀତାଫଳ, ଚାକୁଣ୍ଡା, କୃଷ୍ଣଚୁଡ଼ା, ବିଷ୍ଣୁଚୁଡ଼ା, ପଣସ, ଅଁଳା ଓ ବାହାଡ଼ା ମୋଟ ୧୨୦ଟି ଚାରା ରୋପଣ କରାଯାଇଥିଲା ।

# ଯନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡ ମିଂଟନ ଚମ୍ପିୟାନସିପ୍ ଉଦ୍‌ଘାଟିତ

## ଯୋଗଦେଲେ ୨୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ପ୍ରଥମ ଦିନରେ ହେଲା ବିଭିନ୍ନ ବର୍ଗର ୬୯ଟି ମ୍ୟାଚ

ବଲାଙ୍ଗୀର, ୨୧/୭(ନି/ପ୍ର): ଜିଲ୍ଲା ବ୍ୟାଡ ମିଂଟନ ସଂଘ ବଲାଙ୍ଗୀର ଆନୁକୂଲ୍ୟରେ ଯନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡ ମିଂଟନ ଚମ୍ପିୟାନସିପ୍ ଆଜି ଉଦ୍‌ଘାଟନ ହୋଇଯାଇଛି । ଏହି ଚମ୍ପିୟାନସିପ୍‌ରେ ସମଗ୍ର ଜିଲ୍ଲାରୁ ୨୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତାରେ ୯, ୧୧, ୧୩, ୧୫, ୧୭, ୧୯ରୁ କମ୍ ବୟସ ବର୍ଗର ଉଭୟ ବାଳିକ, ବାଳିକା ସିଙ୍ଗଲ, ଡବଲ୍ସ ଓ ମିକ୍ସ ଡବଲ୍ସ, ବରିଷ୍ଠ ମହିଳା ଓ ପୁରୁଷ ସିଙ୍ଗଲ ଡବଲ୍ସ ଓ ମିକ୍ସ ଡବଲ୍ସ ଏବଂ ଭେଟେରାନର ବିଭିନ୍ନ ବୟସ ବର୍ଗର ପ୍ରତିଯୋଗିତା ଆୟୋଜନ ହେବ । ଜିଲ୍ଲାର ବିଭିନ୍ନ ବ୍ୟାଡ ମିଂଟନ କ୍ଲବ ଓ ସ୍କୁଲ କଲେଜର ଛାତ୍ର ଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଆଜିର ଉଦ୍‌ଘାଟନ ସମାରୋହରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ ଏବଂ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରତିଯୋଗିତାର ସଫଳ ରୂପାୟନ ପାଇଁ ଶୁଭେଚ୍ଛା ଜଣାଇବା ସହ ବ୍ୟାଡମିଂଟନ ଖେଳର ଇତିହାସ ଓ ଜିଲ୍ଲାର ଖେଳାଳିମାନଙ୍କର କୃତିତ୍ୱ ଉପରେ ସେମାନେ ବକ୍ତବ୍ୟ ରଖିବା ସହ ଆଗାମୀ ଦିନରେ ବଲାଙ୍ଗୀର ଜିଲ୍ଲା ଆହୁରି ଉତମ ଖେଳାଳି ରାଜ୍ୟ ତଥା ଦେଶକୁ ପ୍ରଦାନ କରିବ ବୋଲି କହିଥିଲେ । ଜିଲ୍ଲା ବ୍ୟାଡ ମିଂଟନ ସଂଘ ସଂପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପ-ସଭାପତି ଘନଶ୍ୟାମ ମିଶ୍ର, ଯୁଗ୍ମ ସଂପାଦକ ମାନସ ମହାନ୍ତି, ବରିଷ୍ଠ ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ସୁଧିର ପଣ୍ଡା, ରୋଶନ ଜୈନ, ଉନ୍ନୟନ କମିଟି ସଦସ୍ୟ ଅନନ୍ତ ବେହେରା, ସଦସ୍ୟ ଆଶିଷ ଦର୍ଜୀ ପ୍ରମୁଖ ମଂଚାସିନ ଥିଲେ । ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ସଫଳ ରୂପାୟନ ପାଇଁ ଜାତୀୟ ଗ୍ରେଡ-୨ ରେଫରି ହେମନ୍ତ ପ୍ରଧାନ ମୁଖ୍ୟ ରେଫରି ଭାବରେ ଚନ୍ଦ୍ର ଶେଖର ମିଶ୍ର ଡେପୁଟି ରେଫରି ଏବଂ ରାଜ୍ୟ ସ୍ୱିକୃତିପ୍ରାପ୍ତ ଟେକନିକାଲ ଅଫସର ବୈଷ୍ଣବ କବାଟ, ସୁଶାନ୍ତ କୁମାର ମହାନ୍ତି, ଉପେନ୍ଦ୍ର ଚନ୍ଦ୍ର, ପବନ କୁମାର ସାହୁ, କେଶବ ଚନ୍ଦ୍ର ସାହୁ, ରମାଇଁ ରଂଜନ ପାଣିଗ୍ରାହୀ, ଅନନ୍ତ ବେହେରା, ମାନସ ମହାନ୍ତି, ଗଜାନନ ଦାଶ, କାସିମ ଇକ୍ବାଲ, ରାକେଶ ଜେସଓ୍ୱାଲ, ପ୍ରକାଶ ସାହୁ, ମାଷ୍ଟର ଅଫ୍ ସେରିମନିରେ ନନ୍ଦିନି ଲାଲ, ଅଂଚଳ ରାଜପୁତ, ସଂପ୍ରିତି ପଟ୍ଟନାୟକ, ଗୁନଗୁନ ପଦ୍ମିନୀ ଏବଂ ଫିଜିଓ ତଥା ଫାଷ୍ଟଏଡ୍ ବିଶେଷଜ୍ଞ ଭାବେ ରାମ ନାରାୟଣ ଦାଶ, ପ୍ରକାଶ ଛନ୍ଦ, ରଶ୍ମିରାଣୀ ଦାଶ ଯୋଗଦାନ କରିଛନ୍ତି । ପ୍ରଥମ ଦିନରେ ୧୧ ବର୍ଷ, ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ୬୯ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ଖେଳର ଦ୍ୱିତୀୟ ରାଉଣ୍ଡର ସମସ୍ତ ମ୍ୟାଚ ଅନୁଷ୍ଠିତ ହେବ ।

# କାଦୁଅରେ ଭାସୁଛି କୁରୁପାରା -ଯାନୀପାରା ରାସ୍ତା ପ୍ରଶାସନର ନଜର ପଡିବ କେବେ ?



ରାଇଘର,୨୧/୭(ନି/ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଚଂଳର ବିକାଶ ପାଇଁ ମାଳମାଳ ଯୋଜନା ପ୍ରଣୟନ କରୁଛନ୍ତି ।ଯୋଜନା ସବୁ ମଧ୍ୟ କାର୍ଯ୍ୟକାରୀ ହେଉଛି ।ଗ୍ରାମ ଗୁଡିକୁ ସହର ସହିତ ଯୋଡିବା ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା ଭଳି ବିଭିନ୍ନ ଯୋଜନା ସବୁ କାର୍ଯ୍ୟକାରୀ ହେଉଛି ।ହେଲେ ସ୍ଥାନୀୟ ପ୍ରଶାସନ ତଥା ପ୍ରଶାସନିକ ଅଧିକାରୀ ମାନଙ୍କ ବୈମାତୃକ ମନୋଭାବ ଯୋଗୁଁ ସ୍ୱାଧୀନତା ଅନେକ ବର୍ଷ ପରେ ବି ଗ୍ରାମାଂଚଳର ବିକାଶ ହୋଇପାରୁନାହିଁ ।ଆଜି ବି ଏମିତି ଗାଁ ଗୁଡିକ ଅଛି ବର୍ଷା ଦିନ ମାନଙ୍କରେ ଉକ୍ତ ଗ୍ରାମ ଗୁଡିକୁ ଯିବା କଷ୍ଟକର ।ଏମିତି ଏକ ଗାଁ ରହିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କଚରାପାରା ପଂଚାୟତ ଅଧୀନରେ ।ଗ୍ରାମରେ ୩୦ପରିବାର ଦୀର୍ଘ ବର୍ଷ ହେବ ବସବାସ କରି ଆସୁଥିବା ବେଳେ ୧୫୦ରୁ ଉର୍ଦ୍ଧ ଜନସାଧାରଣ ଏହି ଗ୍ରାମରେ ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି ।ଗ୍ରାମରେ ନା ଅଛି ଅଙ୍ଗନବାଡି କେନ୍ଦ୍ର ନା ଅଛି ବିଦ୍ୟାଳୟ ।ପଂଚାୟତ ସଦର ମହକୁମା ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ଏହି ଯାନୀପାରା ଗ୍ରାମଟି ଏବେ ବି ରାସ୍ତା ଓ ଶିକ୍ଷା ଭଳି ମୌଳିକ ସୁବିଧାରୁ ବଂଚିତ ରହିଛି ।କୁରୁପାରା ଠାରୁ ଯାନୀପାରା ପର୍ଯ୍ୟନ୍ତ ୨କିଲୋମିଟର ବାଟ କାଦୁଅରେ ଭାସୁଛି ।ଗ୍ରାମର ଗର୍ଭବତୀ ଓ ଗୁରୁତର ରୋଗୀ ମାନଙ୍କୁ ଡାକ୍ତରଖାନା ନେବାକୁ ହେଲେ ଲୋକଙ୍କୁ କାଦୁଅରେ ପହଁରି କି ଯିବାକୁ ପଡୁଛି ।ପ୍ରଶାସନ ଉକ୍ତ ଗ୍ରାମ ଉପରେ ଦୃଷ୍ଟି ଦେଇ ଗ୍ରାମକୁ ଏକ ପକ୍କା ରାସ୍ତା ଯୋଗେଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

# ବାଲିଗୁଡ଼ା ବରିଷ୍ଠ ନାଗରିକ ସଂଘର ନୂତନ ଗୃହ ପ୍ରବେଶ ଉତ୍ସବ

କନ୍ଧମାଳ,୨୧/୭(ନି/ପ୍ର) :କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ବରିଷ୍ଠ ନାଗରିକ ସଂଘର ନୂତନ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଲିଗୁଡ଼ା ଉପ ଜିଲ୍ଲାପାଳ ପ୍ରଣୀତା ଦାସ, ସମ୍ମାନୀତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ସଭାପତି ତଥା ବରିଷ୍ଠ ପୁରୋହିତ ଚିନ୍ତାମଣି ମିଶ୍ର, ସମ୍ପାଦକ ମନ୍ମଥ କୁମାର ରାଉଳ, ଉପଦେଷ୍ଟା ଡ଼ଃ ମଧୁସୂଦନ ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ । ସର୍ବପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତୀରେ ପୁଷ୍ପ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଆମନ୍ତ୍ରିତ ଅତିଥିଗଣ, ଜିଲ୍ଲା ସମ୍ପାଦକ ମନ୍ମଥ କୁମାର ରାଉଳ ସଂଘର ବିବରଣୀ ପଠନ କରିଥିଲେ । ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିଗଣ ନିଜ ବକ୍ତବ୍ୟରେ ବରିଷ୍ଠ ନାଗରିକ ନିଜକୁ ବୟସର ଅପରାହ୍ନ ନଭାବି ଶିକ୍ଷା, ସ୍ୱାସ୍ଥ୍ୟ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଆଦି ଜନ ସଚେତନତା ଭଳି ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଆଗକ୍ଷମୀ ପିଢ଼ିକୁ ଦିଗ୍‌ଦର୍ଶନ ଦେବାକୁ କହିଥିଲେ । ପ୍ରସାଶନ ସବୁବେଳେ ସବୁ ସମୟରେ ବରିଷ୍ଠ ନାଗରିକଙ୍କୁ ସାହଯ୍ୟ ଓ ସହଯୋଗର ହାତ ବଢ଼େଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ସଂଘର ଆବାହକ ତଥା ବରିଷ୍ଠ ସାମ୍ବାଦିକ ପ୍ରକାଶ ନାୟକ ଆମନ୍ତ୍ରିତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ଭିଜିଲାନ୍ସ ଜାଲରେ କୁଆଁରମୁଣ୍ଡା ତହସିଲର କାଲୋସିରିଆ ସର୍କିଲର ଆର ଆଇ



ରାଉରକେଲା,୨୧/୭(ନି/ପ୍ର): ଆଜି ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ତହସିଲର କାଲୋସିରିଆ ରାଜସ୍ୱ ନିରୀକ୍ଷକ (ଆର.ଆଇ.) ଶ୍ରୀମତୀ ଅନିତା ଜେନାଙ୍କୁ ଓଡିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ପୈତୃକ ଜମିର ଡିମାର୍କେସନ୍ ରିପୋର୍ଟ ପ୍ରଦାନ ପାଇଁ ଜଣେ ଆବେଦନକାରୀଙ୍କ ଠାରୁ ୪,୦୦୦ ଟଙ୍କା ଲାଂଚ ନେଉଥିବା ସମୟରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି।ସୂଚନା ଅନୁସାରେ ଜମିର ଡିମାର୍କେସନ ପାଇଁ ଆବେଦନକାରୀ କିଛି ମାସ ପୂର୍ବରୁ ଆବେଦନ କରିଥିଲେ। ଆବେଦନକାରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ, ଅଭିଯୁକ୍ତ ଆର ଆଇ ଶ୍ରୀମତୀ ଜେନା ଡିମାର୍କେସନ୍ ରିପୋର୍ଟ ପ୍ରଦାନ କରିବାରେ ବିଳମ୍ବ କରୁଥିଲେ। ଅଭିଯୁକ୍ତ ଆରଆଇ ଶ୍ରୀମତୀ ଜେନା ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ଆବେଦନକାରୀଙ୍କ ଠାରୁ ୪,୦୦୦ ଟଙ୍କା ଲାଂଚ ଦାବି କରିଥିଲେ। ଆବେଦନକାରୀଙ୍କୁ (ଅଭିଯୋଗକାରୀଙ୍କୁ) ଏହା ବିରକ୍ତ କରିଥିଲା ଏବଂ ସେ ଆରଆଇ (ଶ୍ରୀମତୀ ଅନୀତା ଜେନା)ଙ୍କ ଦ୍ୱାରା ହଇରାଣ ହରକତ ହେଉଥିବା ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହା ପରେ, ଆଜି ଓଡ଼ିଶା ଭିଜିଲାନ୍ସର ଏକ ଦଳ ଅଭିଯୋଗକାରୀଙ୍କ ଠାରୁ ୪,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଆର ଆଇ ଶ୍ରୀମତୀ ଅନୀତା ଜେନାଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ଶ୍ରୀମତୀ ଜେନାଙ୍କ ଠାରୁ ସମସ୍ତ ରଙ୍ଗବୋଳା ଲାଂଚ ୪,୦୦୦ ଟଙ୍କା ଉଦ୍ଧାର କରାଯିବା ସହିତ ଜବତ କରାଯାଇଛି। ଆରଆଇ ଶ୍ରୀମତୀ ଆରତୀ ଜେନାଙ୍କ ବାସଭବନ ସମେତ ତିନୋଟି ସ୍ଥାନରେ ଏକକାଳୀନ ତଲାସ ଜାରି ରହିଛି। ରାଉରକେଲା ଭିଜିଲାନ୍ସ ଥାନା ପକ୍ଷରୁ ମାମଲା ନଂ.୦୫, ତାରିଖ ୨୦-୦୭-୨୦୨୬ରେ ୨୦୧୮ ପି.ସି.(ସଂଶୋଧନ) ଆଇନର ୭ ଧାରାରେ ଏକ ମାମଲା ପଞ୍ଜିକୃତ କରାଯାଇଛି। ଅଭିଯୁକ୍ତ ଆର ଆଇ ଶ୍ରୀମତୀ ଅନୀତା ଜେନାଙ୍କ ବିରୁଦ୍ଧରେ ତଦନ୍ତ ଜାରି ରହିଛି।

# ରାଉରକେଲା ଭାଇବ୍ରାଣ୍ଟର ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାଉରକେଲା,୨୧/୭(ନି/ପ୍ର): ରୋଟାରୀ କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଆଇଟି ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ସହ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇ ବୃକ୍ଷର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ବୃକ୍ଷରୋପଣ ଉପରେ ଏକ ନାଟକ ପରିବେଷଣ କରି ସଚେତନତା ବାର୍ତ୍ତା ବଣ୍ଟନ କରାଯାଇଥିଲା। ଭାଇବ୍ରାଣ୍ଟର ସଭାପତି ରୋଟାରିଆନ ଡ ସଞ୍ଜୁକ୍ତା ପତି ଙ୍କ ଅଧ୍ୟକ୍ଷତା ଓ ସମ୍ପାଦିକା ରୋଟାରିଆନ ବିଜୟଲକ୍ଷ୍ମୀ ତ୍ରିପାଠୀଙ୍କ ଆବାହକତ୍ୱରେ ଆୟୋଜିତ ଏହି



କାର୍ଯ୍ୟକ୍ରମରେ ପ୍ରାକ୍ତନ ସଭାପତି ରୋଟାରିଆନ ଡ ମୀନତି ପଣ୍ଡା, ସମସ୍ତ ରୋଟାରିଆନ ସର୍ବଶ୍ରୀ ଅଜିତ ମୋହନ ପୁଜାରୀ, ଅଞ୍ଜଳି ହୋତା, ବସନ୍ତ କୁମାର ତନ୍ତୀ, ନିରୁପମା ପତି, ଶ୍ରୀଧର ମଲ୍ଲିକ,ସୋମା ମହାପାତ୍ର, ଅନିତା ନାୟକ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରା,ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ମାନେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ।

# ସୁଚରିତା ସିଲେଇ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ



ରାଉରକେଲା,୨୧/୭(ନି/ପ୍ର): ସାମାଜିକ ଅନୁଷ୍ଠାନ ନାୟିକା ରାଉରକେଲା ପକ୍ଷରୁ ସେକ୍ଟର ୭ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ଠାରେ ସୁଚରିତା ସିଲେଇ ଶିକ୍ଷା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ କନକଲତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ପ୍ରାକ୍ତନ ଶିକ୍ଷାଧିକାରୀ ରଶ୍ମିବାଳା ରାଉତରାୟ ଓ ମଞ୍ଜୁଳା କୁମାରୀ ରଥ, ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ପ୍ରମୁଖ ଯୋଗଦେଇ ଏହି କେନ୍ଦ୍ରକୁ ଉଦଘାଟନ କରିଥିଲେ। ସମସ୍ତ ଅତିଥି ସେମାନଙ୍କ ବକ୍ତବ୍ୟରେ ମହିଳାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳ ଓ ମହିଳା ସଶକ୍ତିକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯେହେତୁ ନାରୀ ମାନଙ୍କ ମଧ୍ୟରେ ଦୃଢ ମନୋବଳ ରହିଛି, ତେଣୁ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ଏଦିଗରେ ପ୍ରୋତ୍ସାହିତ କରିପାରିବେ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ମୁଖ୍ୟ ଶ୍ରୀମତୀ ଦାସ ଏହି କେନ୍ଦ୍ରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖି ଏହି ଅନୁଷ୍ଠାନରେ ଯୋଗଦେଇଥିବା ୨୦ ଜଣ ମହିଳାଙ୍କୁ ଟେଲରିଂ,ଏମ୍ବ୍ରୋଡେରୀ,ଫେବ୍ରିକ୍ ଓ ଆର୍ଟ ଏଣ୍ଡ କ୍ରାଫ୍ଟ ସମ୍ପର୍କରେ ନିଃଶୁଳ୍କ ୬ ମାସ ଶିକ୍ଷାଦାନ ଦିଆଯିବ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଲ୍ୟାଣୀ ଦାସ,ରୁନୁ ବେକ୍, ଅରୁନ୍ଧତୀ ସ୍ୱାଇଁ, ସନ୍ଧ୍ୟା ପଟ୍ଟନାୟକ, ସସ୍ମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲାବେଳେ ଶେଷରେ ରୀନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌଦାମିନୀ ପାତ୍ର, ଜୟନ୍ତୀ ଜଗଦଳ, ସୁଷମା ଦାସ, ଲିପ୍ସା ପାତ୍ର,ଅବନ୍ତୀ ବରାଡ,ପ୍ରମିତା ରାଉଳ, ମହାଲକ୍ଷ୍ମୀ ସାହୁ,ଲିପିକା ସ୍ୱାଇଁ, ଆରତୀ ସ୍ୱାଇଁ, ରଞ୍ଜିତା ବାରିକ,ବିଶ୍ୱସ୍ମିତା ରାଉତ, ରୀନା ମଲ୍ଲିକ, ଇପ୍ସିତା ପାତ୍ର, ସସ୍ମିତା ବାରିକ,ରେଣୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଆଲୋଚନାଚକ୍ର



ରାଉରକେଲା,୨୧/୭(ନି/ପ୍ର): ସୁନ୍ଦରଗଡ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମ୍ମୁଖ୍ୟର ଇଂ ଅଭୟ କୁମାର ଦାସଙ୍କ ସଭାପତିତ୍ୱ ଓ ପାଠାଗାରର ସମ୍ପାଦକ ବିଜୟ କୁମାର ବରାଳଙ୍କ ଆବାହକତ୍ୱ ତଥା ଶିକ୍ଷାବିତ ମଞ୍ଜୁଳା କୁମାରୀ ରଥଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା ସ୍ତମ୍ଭକାର ଗଗନ ବିହାରୀ ଧଳ ମୁଖ୍ୟ ଅତିଥି, ଶିକ୍ଷା ବଚାଂଓ କମିଟିର ଆବାହିକା କମ୍ରେଡ ଛବି ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି ଓ ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ଭୁଲ ପାଠ୍ୟ ପୁସ୍ତକ ଆମ ଦେଶର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ସଂଗେ ସଂଗେ ଦେଶର ଭବିଷ୍ୟତକୁ ବିପଥଗାମୀ କରାଇବ। ତେଣୁ ସଠିକ ପାଠ୍ୟ ପୁସ୍ତକ ପ୍ରଣୟନ ଜରୁରୀ ଅଟେ। ସାମୁଖ୍ୟ ର ସମ୍ପାଦିକା ରଶ୍ମିବାଳା ରାଉତରାୟ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ତଥା ସଭାପତି ଇଂ ଦାସ ଆଲୋଚ୍ୟ ପ୍ରସଙ୍ଗର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ଗାଳ୍ପିକ ଅଜୟ କୁମାର ମହାନ୍ତି ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କବୀ ଡାକ୍ତର ଗୀତାଞ୍ଜଳି ପତ୍ରୀ ସଭାପତିତ୍ୱ ଓ କୁଞ୍ଜବିହାରୀ ରାଉତ, ବ୍ରହ୍ମାନନ୍ଦ ପାଢ଼ୀ ତଥା ସୁନିତା ସାହୁଙ୍କ ସଂଯୋଜନାରେ ସର୍ବଶ୍ରୀ ନିକୁଞ୍ଜ ବିହାରୀ ଦାଶ, ବଳରାମ ଦାଶ, ଧୋବେଇ ବେହେରା,ମଞ୍ଜୁଳା କୁମାରୀ ରଥ,ରଶ୍ମିବାଳା ରାଉତରାୟ, ଭୀମସେନ ସାହୁ, କୁଞ୍ଜବିହାରୀ ରାଉତ,ସୁନିତା ସାହୁ, ଗୀତାଞ୍ଜଳି ପତ୍ରୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ପାଠାଗାରର ସମ୍ପାଦକ ଶ୍ରୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ପଣ୍ଡା, ସୁଧାଂଶୁ ମାଝୀ, ଆଶିଷ ଗାଡିଆ, ବିରେନ୍ ନାଏକ,ଚନ୍ଦନ ସ୍ୱାଇଁ,ଧର୍ମୁ ମିରାଜ, ବିଜୟ ସାହୁ, ଅଶୋକ ଶୁକ୍ଳ, ଅରୁଣ ମହାନ୍ତି,ଆଲୋକ ବେହେରା, ଦମନ୍ତ ମାଝୀ,ରେଖା କୋଠାରୀ, ତାରିଣୀ ସୁଠି,ପ୍ରତିଭା ଦଣ୍ଡପାଟ, ରମେଶ ସିଂହ, ରବିନ୍ଦ୍ର ରାଉତ,ରାଖାଲ ମହାନ୍ତି,ଡ ପ୍ରଭାକାର ନାୟକ, ପ୍ରବୋଧ ସାହୁ,କମଳେଶ୍ୱର ମଛଖଣ୍ଡ, ଅଜିତ ନାୟକ,ଶେଖ ଇସଲାମ,ବିଜୟ ବ୍ରହ୍ମ, ବାଇଧର ପ୍ରଧାନ, ହିମାଂଶୁ ସ୍ୱାଇଁ,ପି ସି ଦାସ, ବ୍ରଜକିଶୋର ପାଣି, ବୈକୁଣ୍ଠ ସାହୁ, କ୍ଷେତ୍ରବାସୀ ସେଠୀ, ସୁବାସ ଦଣ୍ଡପାଟ, ରଶ୍ମିରଞ୍ଜନ ମଲ୍ଲିକ, ସୁପ୍ରିୟା ଦଣ୍ଡପାଟ, ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଡ଼ପ ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି

ପୁରୀ,୨୧/୭(ନି/ପ୍ର): ନବଦିନାତ୍ମକ ରଥଯାତ୍ରାର ପଞ୍ଚମ ଦିବସରେ ଆଜି ମଧ ଯଜ୍ଞବେଦିରେ ଭକ୍ତଙ୍କୁ ଆଡ଼ପ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ମହାବାହୁଙ୍କ ଆଡ଼ପ ଦର୍ଶନ ସାଙ୍ଗକୁ ଆଡ଼ପ ଅବଢ଼ା ପାଇ ତୃପ୍ତ ହେଉଛନ୍ତି ଶ୍ରଦ୍ଧାଳୁ। ଆଜି ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତି ଅନୁଷ୍ଠିତ ହୋଇଛି। ଭକ୍ତ ମାନେ ଶୃଙ୍ଖଳିତ ଭାବେ ବ୍ୟାରିକେଡ୍ ଭିତରେ ଧାଡିରେ ଯାଇ ସିଂହଦ୍ୱାରରେ ପ୍ରବେଶ ପୂର୍ବକ ଶ୍ରୀଜୀଉଙ୍କୁ ଜନ୍ମବେଦିରେ ଦର୍ଶନ କରୁଛନ୍ତି

# ପ୍ରବାସୀ ଶ୍ରମିକ ସଚେତନତା ଶିବିର

ନୂଆପଡ଼ା,୨୧/୭(ନି/ପ୍ର):ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦୋହେଲପଡ଼ା ଗ୍ରାମ ପଂଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଗ୍ରାମ ପଂଚାୟତସ୍ତରୀୟ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା ଶିବିର ଓ ବିଭିନ୍ନ ଜନସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡଃ ଦ୍ୱାରିକାନାଥ ଶତପଥୀ, ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ସ୍ଥାନୀୟ ସରପଂଚ ଦୀପିକା ବେହେରା, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଜନତାଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ 'ଝିଅ ପାଇଁ ଗଛଟିଏ' ଏବଂ 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଜଣେ ନବଜାତ କନ୍ୟା ଶିଶୁକୁ କୋଳରେ ଧରି ତାହାର ସୁସ୍ଥ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିଶୁର ପିତାମାତାଙ୍କୁ ବୃକ୍ଷଚାରା ଓ ଉପହାର ପ୍ରଦାନ କରିଥିଲେ। ସେହିପରି 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମରେ ଗ୍ରାମର ତିନିଜଣ ଗର୍ଭବତୀ ମହିଳାଙ୍କୁ ଫଳ, ପନିପରିବା, ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଓ ଉପହାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଛାତ୍ରୀମାନଙ୍କ ଦ୍ୱାରା ଗୀତ ଓ ନୃତ୍ୟ ପରିବେଷଣ କରାଯାଇ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ସରକାରଙ୍କ ପକ୍ଷରୁ ଜିଲ୍ଲାରେ ବହୁ ଜନକଲ୍ୟାଣକାରୀ ଓ କର୍ମନିଯୁକ୍ତି ମୂଳକ ଯୋଜନା କାର୍ଯ୍ୟକାରୀ ହେଉଛି। ବିଶେଷକରି ଭିବି-ଜି ରାମ-ଜି ଯୋଜନା ଅଧିନରେ ଉପଲବ୍ଧ ରୋଜଗାର ସୁଯୋଗର ସଦୁପଯୋଗ କରି ପ୍ରବାସୀ ଶ୍ରମିକ ଭାବେ ବାହାରକୁ ନଯାଇ ନିଜ ଗାଁରେ ରହି କାମ କରିବାକୁ ସେ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ। ମହିଳାମାନଙ୍କୁ ନିଜ ପରିବାରର ସଦସ୍ୟମାନଙ୍କୁ ପ୍ରବାସକୁ ନପଠାଇ ସ୍ଥାନୀୟ ସ୍ତରରେ ଉପଲବ୍ଧ ରୋଜଗାର ସୁଯୋଗର ଲାଭ ଉଠାଇବା ପାଇଁ ପ୍ରେରିତ କରିବାକୁ ସେ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଆହୁରି କହିଥିଲେ ଯେ, ଦୋହେଲପଡ଼ାକୁ ଏକ ଆଦର୍ଶ ଗ୍ରାମ ପଂଚାୟତ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏଥିପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ, ଶିଶୁ ଶ୍ରମ ଏବଂ ଶିଶୁ ବିବାହକୁ ନା ବୋଲି ସମସ୍ତଙ୍କୁ ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ। ଛୋଟ ପିଲାମାନଙ୍କୁ ଶ୍ରମରେ ନିୟୋଜିତ ନକରି ନିୟମିତ ବିଦ୍ୟାଳୟକୁ ପଠାଇବା ପାଇଁ ମଧ୍ୟ ସେ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗତ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୧୦୦ ଦିନରୁ ଅଧିକ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଖାସବାହାଲ ଗ୍ରାମ ପଂଚାୟତର ଚନ୍ଦ୍ରିକା ଶବର ଓ ଯମୁନା ମାଝୀଙ୍କୁ 'ସ୍ୱଚ୍ଛତା ଦୂତ ସମ୍ମାନ' ପ୍ରଦାନ କରାଯାଇଥିଲା। ଶେଷରେ 'ପକ୍ଷୀ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନ୍ତର୍ଗତ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ବାସ, ଖାଦ୍ୟ ଓ ଜଳର ବ୍ୟବସ୍ଥା କରିବା ସହ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନେ ପୂର୍ବରୁ ପ୍ରବାସୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଲୋକନାଥ ଭୋଇଙ୍କ ଘର ପରିଦର୍ଶନ କରି ତାଙ୍କ ପରିବାର ସହ ଆଲୋଚନା କରିଥିଲେ।

## ବଡ଼ଗାଁ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼,୨୧/୭(ନି/ପ୍ର): ବଡ଼ଗାଁ ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୬୪ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୮ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୧ଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୭ ଗୋଟି ଅଭିଯୋଗ ର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୫ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା , ବ୍ଲକ ଅଧ୍ୟକ୍ଷା ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।



## ମାଡ଼ି ଆସିଲା ପାଣି : ନଦୀ ମଝି ଟାପୁରେ ୭ ଘଣ୍ଟା ଫସିଥିଲେ ଯୁବକ

# ଅଗ୍ନିଶମ ବାହିନୀ କଲେ ଉଦ୍ଧାର



ସୁନ୍ଦରଗଡ଼,୨୧/୭(ନି/ପ୍ର): ଅଚାନକ ମାଡ଼ି ଆସିଲା ବଢ଼ିପାଣି। ମାଛ ଧରିବାକୁ ନଦୀ ଭିତରେ ପଶିଥିବା ଯୁବକ ଫସିଗଲେ। କୌଣସି ମତେ ନଦୀ ମଝିରେ ଥିବା ବୁଦୁବୁଦୁକିଆ ଟାପୁ ଗଛରେ ଚଢ଼ି ଉଦ୍ଧାର ପାଇଁ ଚିତ୍କାର କରିଥିଲେ। ପ୍ରାୟ ୭ ଘଣ୍ଟା ଗଛରେ ଆସନ୍ନ ମରଣ ସହ ଯୁଝି ଚାଲିଥିଲେ। ଶେଷକୁ ଅଗ୍ନିଶମ ବାହିନୀର ୨ ଘଣ୍ଟାର କସରତ ପରେ ସେ ସୁରକ୍ଷିତ ଉଦ୍ଧାର ହୋଇଥିଲେ। ଘଟଣାଟି ଘଟିଥିଲା ତଳସରା ଥାନା ସବଡେଗା ମଝାପଡ଼ା ରଣପୁର ବଣ୍ଡା ନଦୀରେ। ମୃତ୍ୟୁମୁଖରୁ ଉଦ୍ଧାର ହୋଇଥିବା ଯୁବକ ଜଣକ ହେଲେ ରଣପୁର ଗାଁର ଆଶିଷ ଡୁଙ୍ଗଡୁଙ୍ଗ (୨୬)। ସେ ସକାଳ ୫ଟାରେ ମାଛ ଧରିବାକୁ ବଣ୍ଡାନଦୀକୁ ଯାଇଥିଲେ। ବର୍ଷା ସତ୍ତ୍ୱେ ନଦୀରେ ପାଣି କମ୍ ଥିଲା। କିନ୍ତୁ ସେ ନଦୀ ଭିତରେ ପଶିଥିବାବେଳେ ହଠାତ ଉପର ମୁଣ୍ଡରୁ ବଢ଼ିପାଣି ହଠାତ ମାଡ଼ି ଆସିଥିଲା। ସେ ପ୍ରାଣ ବିକଳରେ କୌଣସି ମତେ ନଦୀ ମଝିରେ ଥିବା ଛୋଟ ଟାପୁକୁ ଉଠିଯାଇ ଛୋଟ ଗଛ ଉପରେ ଚଢ଼ି ଯାଇ ଚିତ୍କାର କରିଥିଲେ। ଗାଁ ଲୋକେ ଜାଣିବା ପରେ ନଦୀକୂଳକୁ ଧାଇଁଥିଲେ। କିନ୍ତୁ ନଦୀରେ ପ୍ରଖର ସ୍ରୋତ ଥିବାରୁ କେହି ସାହସ କରି ନଥିଲେ। ଯୁବକ ସେମିତି ଫସି ରହିଥିଲେ। ଶେଷକୁ ଅଗ୍ନିଶମ ବାହିନୀକୁ ସୂଚନା ଦିଆ ଯାଇଥିଲା। ଖବର ପାଇବା କ୍ଷଣି ସବଡେଗା ଅଗ୍ନିଶମ ବାହିନୀ ଭାରପ୍ରାପ୍ତ ଅଧିକାରୀ ଡିଚେନ୍ଦ୍ର ଦଣ୍ଡସେନା, ସୁମନ୍ତ ବାଘ, ସଂଜିତ ବାଘ, ସୋମରା କୁଜୁର ପ୍ରମୁଖ ପହଂଚି ଦଉଡ଼ି ସାହାଯ୍ୟରେ ଉଦ୍ଧାର କରିଥିଲେ।

## ଆଇଜିଏଚରେ ସରକାରଙ୍କ ଦ୍ୱାରା ମାଗଣା ଗର୍ଭାଶୟ ଗ୍ରୀବା କର୍କଟ ଟିକାକରଣ ଶିବିର ଆରମ୍ଭ



ରାଉରକେଲା,୨୧/୭(ନି/ପ୍ର): ରାଉରକେଲା ଇସ୍ପାତ କାରଖାନା ର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ରେ ଜୁଲାଇ ୧୮ ତାରିଖ ଶନିବାର ଠାରୁ ପ୍ରତ୍ୟେକ ଶନିବାର ସରକାରଙ୍କ ଦ୍ୱାରା ମାଗଣା ଗର୍ଭାଶୟ ଗ୍ରୀବା କର୍କଟ ଟିକାକରଣ ଶିବିର ଆୟୋଜିତ ହେଉଛି। ଜୁଲାଇ ୨୦୧୧ ରୁ ଜୁଲାଇ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ବାଳିକା ଏହି ଟିକା ନେବା ପାଇଁ ଯୋଗ୍ୟ, ଯାହା ଆଇଜିଏଚ୍‌ର ନୂତନ ଓପିଡି ବ୍ଲକ୍‌ରେ ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ଦିଆଯିବ। ପ୍ରଥମ ଶିବିରକୁ ଆଇ ଜି ଏଚ ର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ଓଡ଼ିଶା ସରକାରଙ୍କ କୁଆରମୁଣ୍ଡା ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶ୍ରୀମନ୍ତ କୁମାର ପଟ୍ଟନାୟକ, ଆଇ ଜି ଏଚ ର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଶିଶୁ ରୋଗ) ଡାକ୍ତର ଅର୍ଚ୍ଚନା ବେହେରା, ପରିଷ୍ଠ ପରାମର୍ଶଦାତା (ସ୍ତ୍ରୀ ରୋଗ) ଡାକ୍ତର ବ୍ୟାସଦେବ ମିଶ୍ର ଏବଂ ଅନ୍ୟାନ୍ୟ ଡାକ୍ତର ଓ ସହାୟକ କର୍ମଚାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଉଲ୍ଲେଖନୀୟ ଯେ, ସମଗ୍ର ବିଶ୍ୱରେ ମହିଳାମାନଙ୍କ ମଧ୍ୟରେ ଦେଖାଯାଉଥିବା କର୍କଟ ରୋଗ ମଧ୍ୟରେ ଗର୍ଭାଶୟ ଗ୍ରୀବା କର୍କଟ ଅନ୍ୟତମ ବହୁଳ ସାଧାରଣ ରୋଗ। ଯଦିଓ ଏହା କର୍କଟ ରୋଗର ଅନ୍ୟତମ ପ୍ରତିରୋଧଯୋଗ୍ୟ ଏବଂ ଚିକିତ୍ସାଯୋଗ୍ୟ ରୂପ, ତଥାପି ଏହା ମହିଳାମାନଙ୍କ ମୃତ୍ୟୁର ଅନ୍ୟତମ ମୁଖ୍ୟ କାରଣ ହୋଇ ରହିଛି। ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ଲକ୍ଷଣ ନଥାଇ ପ୍ରାୟତଃ ନିଶବ୍ଦରେ ବୃଦ୍ଧି ପାଏ ଏବଂ ଏହା ଚିହ୍ନଟ ହେବା ବେଳକୁ, ରୋଗଟି ଏପରି ଏକ ପର୍ଯ୍ୟାୟକୁ ଗତି କରିସାରିଥାଏ ଯେଉଁଠାରେ ଚିକିତ୍ସା ଅତ୍ୟନ୍ତ ଜଟିଳ ଏବଂ କଷ୍ଟକର ହୋଇପଡ଼େ। ଏହି ଟିକା ପ୍ରଦାନ କରିବା ଦ୍ୱାରା ଗର୍ଭାଶୟ ଗ୍ରୀବା କର୍କଟର ସମ୍ଭାବନାକୁ ବହୁ ପରିମାଣରେ ଏଡ଼ାଯାଇପାରିବ।

## ନୂଆପଡ଼ା ଅବକାରୀ ବିଭାଗର ଚଢ଼ାଉ: ୧୬ କିଲୋଗ୍ରାମ ଗଞ୍ଜେଇ ଜବତ, ୨ ଅଭିଯୁକ୍ତ ଗିରଫ

ନୂଆପଡ଼ା,୨୧/୭(ନି/ପ୍ର):ନୂଆପଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ାଉ କରାଯାଇ ଏନ୍‌ଡିପିଏସ୍ ଆଇନ ଅନ୍ତର୍ଗତ ଦୁଇଟି ପୃଥକ ମାମଲା ରୁଜୁ କରାଯିବା ସହ ମୋଟ ୧୬ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପ୍ରଥମ ଘଟଣାରେ ଖଡ଼ିଆର ରୋଡ଼ ସ୍ଥିତ ସ୍ୱସ୍ତିକ ଲଜ୍ ସମ୍ମୁଖରେ ଚଢ଼ାଉ କରାଯାଇ ଜଣେ ବ୍ୟକ୍ତିଙ୍କ ନିକଟରୁ ୧୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ମାମଲାରେ କନ୍ଧମାଳ ଜିଲ୍ଲାର ପୂର୍ଣ୍ଣଚନ୍ଦ୍ର କହଁର(୨୯)ଙ୍କୁ ଗିରଫ କରାଯାଇଛି। ନୂଆପଡ଼ା ଅବକାରୀ ରେଞ୍ଜର ଇନ୍ସପେକ୍ଟର ହୀରାବତୀ ଠାଟି ପି.ଆର୍. ନଂ-୯୨/୨୬-୨୭ ଅନୁଯାୟୀ ଏନ୍‌ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ଆଇ)(ବି) ଅନୁସାରେ ମାମଲା ରୁଜୁ କରିଥିଲେ। ଦ୍ୱିତୀୟ ଘଟଣାରେ ଖଡ଼ିଆର ରୋଡ଼ ରେଳ ଷ୍ଟେସନ ରାସ୍ତା ନିକଟରେ ଚଢ଼ାଉ କରାଯାଇ ଜଣେ ବ୍ୟକ୍ତିଙ୍କ ନିକଟରୁ ୬ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ କନ୍ଧମାଳ ଜିଲ୍ଲାର ସୁଫଳ କହଁର(୨୬)ଙ୍କୁ ଗିରଫ କରାଯାଇଛି। ନୂଆପଡ଼ା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସିଦ୍ଧାନ୍ତ ପାତ୍ର ପି.ଆର୍. ନଂ-୧୧୩/୨୬-୨୭ ଅନୁଯାୟୀ ଏନ୍‌ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ସସ)(ବି) ଅନୁସାରେ ମାମଲା ରୁଜୁ କରିଥିଲେ।